ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
E-mail : sambadkalikanews@gmail.com

ସମ୍ବାଦ କଳିକା
The Sambad Kalika

ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୪୬ ● ୨ ଅକ୍ଟୋବର ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-246 ● 2nd October 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24

ଓଡ଼ିଶାରେ ଖୁବଶୀଘ୍ର ଲାଗୁ ହେବ ଆୟୁଷ୍ମାନ ଭାରତ

୩.୫ କୋଟି ଲୋକଙ୍କୁ ମିଳିବ ସ୍ୱାସ୍ଥ୍ୟ କାର୍ଡ

ଭୁବନେଶ୍ୱର, ୧।୧୦
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ଖୁବଶୀଘ୍ର ଉଭୟ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ସହ ନିଜସ୍ୱ ଯୋଜନା ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାକୁ ଓଡ଼ିଶାରେ ଲାଗୁ କରିବେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଏହି ଯୋଜନାରେ ରାଜ୍ୟର ୧କୋଟି ପରିବାରର

ସାଢେ ୩କୋଟି ଲୋକଙ୍କୁ ବ୍ୟକ୍ତିଗତ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯିବ । ଏହି କାର୍ଡ ଜରିଆରେ ଦେଶର ୨୭ହଜାରରୁ ଅଧିକ ହସ୍ପିଟାଲରେ କ୍ୟାସଲେସ ସ୍ୱାସ୍ଥ୍ୟ ସେବା ସୁବିଧା ରାଜ୍ୟବାସୀଙ୍କୁ ମିଳିବ । ୭୦ବର୍ଷ ବୟସରୁ ଊର୍ଦ୍ଧ୍ୱ ସମସ୍ତ ବୟସ୍କ ବ୍ୟକ୍ତିଙ୍କୁ ମଧ୍ୟ ଏହି ସ୍ୱାସ୍ଥ୍ୟବୀମା ସୁବିଧା ମିଳିବ ।

ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଖୁବଶୀଘ୍ର ନ୍ୟାସନାଲ ଡିଜିଟାଲ ହେଲଥ ମିଶନରେ ଓଡ଼ିଶା ସାମିଲ ହେବ । *(ପୃଷ୍ଠା ୭ରେ)*

ପିଏମ ମୋଦି-ଜାମାଇକା ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା

ନୂଆଦିଲ୍ଲୀ, ୧।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାମାଇକାର ପ୍ରଧାନମନ୍ତ୍ରୀ ଆଣ୍ଡ୍ରିଉ ହୋଲନେସଙ୍କ ମଧ୍ୟରେ ମଙ୍ଗଳବାର ନୂଆଦିଲ୍ଲୀ ସ୍ଥିତ ହାଇଦ୍ରାବାଦ ହାଉସରେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି । ଏହି ଅବସରରେ ଉଭୟ ନେତା ଦ୍ୱିପାକ୍ଷିକ ସଂପର୍କକୁ ଆହୁରି ମଜଭୂତ କରିବା ଏବଂ ବ୍ୟାପାର, ନିବେଶ, ନବୀକରଣୀୟ ଉର୍ଜା, ଡିଜିଟାଲ ପରିବର୍ତ୍ତନ, ବିକାଶ ବୁଝାମଣା, ଶିକ୍ଷା, ଦକ୍ଷତା ବୃଦ୍ଧି, ଲୋକଙ୍କ ସହ ଲୋକଙ୍କ ସଂପର୍କରେ ସହଯୋଗ ବୃଦ୍ଧି ପ୍ରଣାଳୀ ଉପରେ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାମାଇକା ପ୍ରଧାନମନ୍ତ୍ରୀ ଆଣ୍ଡ୍ରିୟୁ ହୋଲନେସଙ୍କ ମଧ୍ୟରେ ମଙ୍ଗଳବାର ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା ପରେ ଉଭୟ ନେତା ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେଇଥିଲେ ।

ଏହି ଅବସରରେ ଉଭୟ ନେତାଙ୍କ ଉପସ୍ଥିତିରେ ଭାରତ ଓ ଜାମାଇକା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଭାରତ-ଜାମାଇକା ସମ୍ପର୍କ ବୁଝାମଣା ଇତିହାସ, ଗଣତାନ୍ତ୍ରିକ ମୂଲ୍ୟ ଓ ଲୋକଙ୍କ ମଧ୍ୟରେ ସୁଦୃଢ ସଂପର୍କ କାରଣରୁ ତିଷ୍ଠି ରହିଛି । ଏହି ଦେଶକୁ ଚାର ସି କଲଚର (ସଂସ୍କୃତି), କ୍ରିକେଟ, କମନୱେଲ୍ଥ ଓ କେରିକମ ଯୋଡିଥାଏ । ଜାମାଇକା ଉଚ୍ଚାୟୋଗ ସମ୍ମୁଖ ରାସ୍ତାର ନାମ ଜାମାଇକା ମାର୍ଗ ରଖାଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ।

ଭଦ୍ରକରେ ହିଂସା ଘଟଣାର ସ୍ଥିତି ସମୀକ୍ଷା କଲେ ପୁଲିସ ଡିଜି

ଏବେ ସ୍ଥିତି ନିୟନ୍ତ୍ରଣାଧୀନ

ଭଦ୍ରକ, ୧।୧୦ : ନ୍ୟୁଜ୍ ବ୍ୟୁରୋ

ଭଦ୍ରକରେ ସାମ୍ପ୍ରଦାୟିକ ସଦ୍‌ଭାବ ଓ ଶାନ୍ତି ଫେରାଇ ଆଣିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି । ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଭଦ୍ରକରେ ସୃଷ୍ଟି ହୋଇଥିବା ବିଶୃଙ୍ଖଳାକୁ ପ୍ରତିହତ କରିବା ଦିଗରେ ଜିଲ୍ଲା ଓ ପୋଲିସ୍ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ଅନ୍ୟ ପକ୍ଷରେ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ୱାଇ. ବି ଖୁରାନିଆ ମଙ୍ଗଳବାର ଭଦ୍ରକରେ ପହଞ୍ଚି ହିଂସା ଘଟଣାର ସ୍ଥିତି ସମୀକ୍ଷା କରିଛନ୍ତି । ପୋଲିସ ଡିଜିଙ୍କ ସହ ବରିଷ୍ଠ ଅଧିକାରୀ, ଭଦ୍ରକ ଜିଲ୍ଲାପାଳ ଏବଂ ଏସ୍‌ପି ସମୀକ୍ଷା ବୈଠକରେ ଉପସ୍ଥିତ *(ପୃଷ୍ଠା ୭ରେ)*

୪ରୁ ରାଜ୍ୟରେ ବଢିବ ବର୍ଷା



ଭୁବନେଶ୍ୱର, ୧।୧୦
ନ୍ୟୁଜ୍ ବ୍ୟୁରୋ

ବର୍ଷାରେ ଭିଜିପାରେ ଦୁର୍ଗାପୂଜା । ଗତ ଦୁଇଦିନ ହେଲା ରାଜ୍ୟରେ ଚାଲିଛି ଖରାବର୍ଷାର ଲୁଚକାଳି ଖେଳ । ପ୍ରବଳ ଖରା ସାଙ୍ଗକୁ ଅକସ୍ମାତ ହେଉଛି ବିଜୁଳି ଘଡ଼ଘଡ଼ି ସହ ବର୍ଷା । ବର୍ଷା ନେଇ ୧୦ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଅକ୍ଟୋବର ୬ରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ନେଇ ସମ୍ଭାବନା ଦେଖାଦେଇଛି । ଫଳରେ ୪ ତାରିଖରୁ ରାଜ୍ୟରେ ବର୍ଷାର *(ପୃଷ୍ଠା ୭ରେ)*

ଆଜି ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର, ୧।୧୦
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାକୁ ପୁଞ୍ଜି ଆକର୍ଷଣ ପାଇଁ ନୂଆଦିଲ୍ଲୀରେ ନିବେଶକ ସମ୍ମିଳନୀ ଆୟୋଜିତ ହେଉଛି । ଏହି ସମ୍ମିଳନୀରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାରଠାରୁ ୨ ଦିନିଆ ଦିଲ୍ଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ମଧ୍ୟ ସମ୍ପଦ ଚରଣ ସ୍ୱାଇଁ ଏବଂ ବରିଷ୍ଠ ଅଫିସର ଦଳ ମଧ୍ୟ ଦିଲ୍ଲୀ ଯାଉଛନ୍ତି । ମୁଖ୍ୟମନ୍ତ୍ରୀ ଦିଲ୍ଲୀ *(ପୃଷ୍ଠା ୭ରେ)*

ମହଙ୍ଗା ହେଲା ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର

ନୂଆଦିଲ୍ଲୀ, ୧।୧୦

ପାର୍ବଣ ଆରମ୍ଭରେ ମହଙ୍ଗା ହେଲା ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର । ସରକାରୀ କ୍ଷେତ୍ରରେ ତୈଳ ଏବଂ ଗ୍ୟାସ ମାର୍କେଟିଂ କମ୍ପାନୀଗୁଡିକ କମର୍ସିଆଲ ଗ୍ୟାସ ସିଲିଣ୍ଡରର ମୂଲ୍ୟରେ ୪୮.୫୦ ଟଙ୍କା ବୃଦ୍ଧି କରିଛନ୍ତି । ତେବେ ଘରୋଇ ରୋଷେଇ ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ନୂତନ ଦର ମଙ୍ଗଳବାର *(ପୃଷ୍ଠା ୭ରେ)*

ଓଡ଼ିଶାରେ ଦେଖାଗଲା ଧୂମକେତୁ

ଭୁବନେଶ୍ୱର, ୧।୧୦
ନ୍ୟୁଜ୍ ବ୍ୟୁରୋ

ଅକ୍ଟୋବର ମାସ ୧ ତାରିଖ ଭୋର ସମୟରେ ଆମ ରାଜ୍ୟ ତଥା ଦେଶର କେତେକ ସ୍ଥାନରେ ଅଳ୍ପସମୟ ପାଇଁ ସି/୨୦୨୩ ଏ-୩ ଧୂମକେତୁ ସାଧାରଣ ଦୂରବୀକ୍ଷଣ ଓ ବାଇନାକୁଲାର୍‌ରେ ଦେଖାଯାଇଛି । ଏହାର ଫଟୋ ମଧ୍ୟ ନିଆଯାଇଛି । ଆମ ରାଜ୍ୟର ରାକେଶ କୁମାର ରାଉଳ, ଫଟୋ ଜର୍ଣ୍ଣାଲିଷ୍ଟ ଏହି ଧୂମକେତୁର ଏକ ଫଟୋ ନେଇଥିବାର ସୂଚନା ରହିଛି । ସେ ପୂର୍ବରୁ ଏହି ପରି ଅନେକ ଫଟୋ ନେଇଛନ୍ତି ତାଙ୍କ ଦ୍ୱାରା ଉତ୍ତୋଳନ କରାଯାଇଥିବା ଚନ୍ଦ୍ର ସହ ଧୂମକେତୁ ସି/୨୦୨୩ ଏ-୩ର ଫଟୋଟି ଅତି ସୁନ୍ଦର ହୋଇଛି ।

ସି/୨୦୨୩ ଏ-୩ ଧୂମକେତୁଟି ଅକ୍ଟୋବର ମାସ *(ପୃଷ୍ଠା ୭ରେ)*



30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨ ଅକ୍ଟୋବର ୨୦୨୪ ବୁଧବାର

ଭୁଶୁଡ଼ିଲା ଚିତ୍ରୋତ୍ପଳା କେନାଲ୍ ପୋଲର ଆପ୍ରୋଚ୍ ରାସ୍ତା:ଯାତାୟାତ ଠପ୍

ନିଶ୍ଚିନ୍ତକୋଇଲି, ନ୍ୟୁଜ୍

ମହାନଦୀ ଚିତ୍ରୋତ୍ପଳା ଦ୍ୱିପାଞ୍ଚଳ ତଥା କଟକ ସଦର ନିର୍ବାଚନ ମଣ୍ଡଳୀର ଜନାର୍ଦ୍ଦନପୁର ଠାରେ ଚିତ୍ରୋତ୍ପଳା ଦକ୍ଷିଣ କେନାଲ୍‌ର ବଢ଼େଇ ସାହି କେନାଲ୍ ସେତୁରମୁଣ୍ଡ ଆପ୍ରୋଚ୍ ରାସ୍ତାରେ ପ୍ରାୟ ୧୫ ଫୁଟ୍ ଓସାର ଗର୍ତ୍ତ ହୋଇଯିବାରୁ ଗ୍ରାମବାସୀ ତଥା ସାଧାରଣ ଲୋକଙ୍କ ଯାତାୟାତ ବନ୍ଦ ହୋଇଯାଇଛି । ରବିବାର ମଧ୍ୟ ରାତ୍ରରେ ହଠାତ୍ ବିକଟାଳ ଶବ୍ଦକରି ରାସ୍ତା ଭୁଶୁଡ଼ି ଯାଇଥିଲା । ପୋଲ ମୁଣ୍ଡ ରାସ୍ତା ଦବିଯିବାରୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ସ୍କୁଲ୍ ପିଲାମାନେ, ଗୃହ ପାଳିତ ପଶୁ, ରୋଗାକ୍ରାନ୍ତ ଲୋକେ ଜରୁରୀ କାର୍ଯ୍ୟରେ ଯିବା ସମ୍ଭବ ହେଉନାହିଁ । ଏଠାରେ ଉଲ୍ଲେଖନୀୟ ଯେ, ଏହି ଗ୍ରାମ ହେଉଛି ପ୍ରଥମ କାର୍ଗିଲ୍ ସହିଦ୍ ଗୋପୀନାଥ

ମହାରଣାଙ୍କ ନିଜଗ୍ରାମ ଓ ଘରକୁ ଯିବା ପାଇଁ ଏକମାତ୍ର ରାସ୍ତାର ସେତୁ । ଏପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଆସିନଥିବାବେଳେ, ଲୋକେ ଯାତାୟାତ ପାଇଁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ପୋଲମୁଣ୍ଡ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

୪ ପାଣି ପମ୍ପ ଚୋର ଗିରଫ:୭ ପାଣିପମ୍ପ ଓ କେବୁଲ ଉଦ୍ଧାର

ଭବାନୀପାଟଣା, ନ୍ୟୁଜ୍ ବ୍ୟୁରୋ

କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅନ୍ତର୍ଗତ ପାଣି ପମ୍ପ ଚୋରି ଘଟଣାରେ କେସିଙ୍ଗା ପୋଲିସ ଏହି ପାଣିପମ୍ପ ଚୋର ରେକେଟ୍‌କୁ ଠାବ କରି ୪ ଜଣଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ଲୁଟେରା ୪ ଜଣ ହେଲେ ବୋରିଙ୍ଗ ପଦରର ନେପାଲ ବନଛୋର, କ୍ଷୀର ସିନ୍ଧୁ ମାଝୀ, ଶେଖର ବନଛୋର ଓ କମେଶ୍ୱର ବନଛୋର । ଏମାନେ ବିଭିନ୍ନ କୂପ, ଗଭୀର ବୋର୍‌ୱେଲ୍‌ରୁ ଅନେକ ଦିନ ଧରି ପମ୍ପ ଓ କେବୁଲ୍ ଚୋରି କରି ନେଉଥିଲେ । ଯାହାକି ପୋଲିସ ଏମାନଙ୍କର ଖବର ପାଇ ପାରୁନଥିଲା । ଏମାନେ ବହୁତ ଦିନରୁ ଚୋରି କରୁଥିବା ବେଳେ ପୋଲିସ କୌଣସି ସୂତ୍ରରୁ ସୂଚନା ପାଇ ଏମାନଙ୍କୁ ଠାବ କରି ଗିରଫ କରିଛି । ଏମାନଙ୍କ ଠାରୁ ୭ଟି ଚୋରି ପମ୍ପ, କେବୁଲ ସବୁ ଉଦ୍ଧାର ହୋଇଛି । ଜିଲ୍ଲାର ବିଭିନ୍ନ ବ୍ଲକରେ ଏହି ରେକେଟ୍‌ର ଚେର ଲମ୍ବିଛି । ଗୁରୁତ୍ୱର ସହ ପୋଲିସ ତଦନ୍ତ କଲେ ଅଧିକ ତଥ୍ୟ ମିଳିପାରେ ।

ପୋଲିସ ବିଭାଗରେ ଘନଘନ ବଦଳି ଅପରାଧୀଙ୍କୁ ସୁହାଉଛି

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ସରକାରଙ୍କ ଗୋଟି ଚାଳନାରେ ଫସିଛନ୍ତି ଆଇପିଏସ୍ ଅଧିକାରୀ । ସାଧାରଣ ନିର୍ବାଚନ ପୂର୍ବରୁ ବଦଳି ହୋଇଥିଲା । ଏବେ ନୂଆ ସରକାରଙ୍କ ନଜରରେ ପୁଣି ବଦଳି । ପୂର୍ବ ବଦଳିର ୮ ମାସ ନପୂରୁଣୁ ଘନଘନ ବଦଳି ପୋଲିସ ବିଭାଗରେ କମ୍ପନ ସୃଷ୍ଟି କରିଛି । ପାର୍ବଣ ଋତୁ ଆରମ୍ଭ ହୋଇଛି । ଅପରାଧୀ ମାତିଛନ୍ତି । ନୂଆ ଡିଜିପି ଦାୟିତ୍ୱ ନେବାର ୨ ମାସ ବି ହୋଇନି ଆଇପିଏସ୍ ଅଧିକାରୀଙ୍କ ଠାରୁ ଆରମ୍ଭ କରି କନେଷ୍ଟବଳ ଓ ହାବିଲ୍‌ଦାର୍‌ଙ୍କ ପର୍ଯ୍ୟନ୍ତ ବଦଳି ଆଦେଶ ପୋଲିସ କର୍ମଚାରୀଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି କରିଛି । ଅପରାଧ ମୁକାବିଲା କରିବାକୁ ରଣକୌଶଳ ପ୍ରସ୍ତୁତ କରିଥିବା ଅଧିକାରୀମାନେ ବଦଳି ଚିନ୍ତାରେ ଦିନ କାଟୁଛନ୍ତି । ହେଲେ ମୁହଁ ଖୋଲିବାକୁ ଭୟ କରୁଛନ୍ତି । ଗତ ଜାନୁଆରୀରେ ଆଇଏଏସ୍ ପରେ ଆଇପିଏସ୍ ସ୍ତରରେ ବଡ଼ ଧରଣର ବଦଳି ହୋଇଥିଲା । ପୋଲିସ ଆୟୁକ୍ତ ଥିବା ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଗୁଇନ୍ଦା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିଲା । ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ଆୟୁକ୍ତ ଭାବେ ବରିଷ୍ଠ ଆଇପିଏସ୍ ସଞ୍ଜୀବ ପଣ୍ଡାଙ୍କୁ ନିଯୁକ୍ତି ମିଳିଥିଲା । ସେହିପରି କଟକ ଉପାୟୁକ୍ତ ମଧ୍ୟ ବଦଳିଥିଲେ । କଟକ ଉପାୟୁକ୍ତ ପିନାକ ମିଶ୍ରଙ୍କୁ ପୁରୀ ଏସ୍‌ପି ଭାବେ ବଦଳି କରାଯାଇଥିଲା । ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା ପୋଲିସ ହାଉସିଂ ବୋର୍ଡର ଅତିରିକ୍ତ ଦାୟିତ୍ୱରେ ରହିଥିଲେ । ରବିବାର ଏମାନଙ୍କର ପୁଣି ବଦଳି ହୋଇଛି । ମାତ୍ର ୮ ମାସ ମଧ୍ୟରେ ଅପରାଧ ନିୟନ୍ତ୍ରଣ ଲାଗି ଅଧିକାରୀମାନେ ବିବିଧ ଯୋଜନା କରିଥିଲେ । ଏହି ଯୋଜନା ରୂପାୟନ ନହେଉଣୁ ସେହି ସ୍ଥାନ ତାଙ୍କୁ ଛାଡ଼ିବାକୁ ବାଧ୍ୟ କରାଯାଉଛି । ଏହାର ପରିଣାମ କେବଳ ସାଧାରଣ ଜନତା ଭୋଗୁଛନ୍ତି । କାରଣ କମିଶନରେଟ୍ ପୋଲିସରେ ଅଧିକାରୀ ବଦଳିଲେ ଯୋଜନା ବଦଳିଯାଉଛି । ନୂଆ ଅଧିକାରୀ ଦାୟିତ୍ୱ ଗ୍ରହଣ ପରେ ନୂଆ ନିୟମ ପ୍ରଣୟନ କରୁଛନ୍ତି । ପୋଲିସ ବିଭାଗରେ ଏପରି ବ୍ୟବସ୍ଥା କେବଳ ଅପରାଧୀଙ୍କୁ ସୁହାଉଛି । ପାର୍ବଣ ଋତୁରେ ବାହାର ଅପରାଧୀ ସହରରେ ଡେରା ପକାଇଥାନ୍ତି । ଏହି ସମୟରେ ପୋଲିସ ବିଭାଗରେ ବଦଳି ଉପରେ ସରକାର ପ୍ରାୟତଃ ରୋକ୍ ଲଗାଇଥାନ୍ତି । ଚଳିତ ପାର୍ବଣ କିପରି ସୂଚାରୁରୂପେ ଶେଷ ହେବ ସେନେଇ ଚିନ୍ତାରେ ପଡ଼ିଛନ୍ତି ନୂଆ ଅଧିକାରୀ । ଆଇପିଏସ୍‌ଙ୍କ ପରେ ସୋମବାର କମିଶନରେଟ୍ ପୋଲିସରେ ଏଏସ୍‌ଆଇ, କନେଷ୍ଟବଳ ଓ ହାବିଲ୍‌ଦାର୍ ସ୍ତରରେ ବଡ଼ଧରଣର ବଦଳି ହୋଇଛି । ଏନେଇ ପୋଲିସ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ୧୨୭ଜଣ କନେଷ୍ଟବଳ ଓ ହାବିଲ୍‌ଦାର୍ ଏବଂ ୨ଜଣ ଏଏସ୍‌ଆଇଙ୍କ ବଦଳି ହୋଇଛି ।

ଶିଶୁପୁତ୍ରକୁ ବିକ୍ରି ହୋଇଥିବା ଶିଶୁ ଉଦ୍ଧାର କଲା ଚାଇଲ୍ଡ ଲାଇନ୍

ଯାଜପୁର ସଦର, ନ୍ୟୁଜ୍ ବ୍ୟୁରୋ

ନଗଡ଼ା ଅପପୁଷ୍ଟି ଅପବାଦ ପରେ ଶିଳ୍ପ ସମୃଦ୍ଧ ଯାଜପୁର ଜିଲ୍ଲା ଟାଉନ୍ ଥାନା ଅଞ୍ଚଳରେ ପିଲା ବିକ୍ରି ଅଭିଯୋଗକୁ ନେଇ ତନାଘନା ଆରମ୍ଭ ହୋଇଛି । ଦାରିଦ୍ର୍ୟ ଯୋଗୁଁ ମା' ନିଜ ଶିଶୁପୁତ୍ରକୁ ଅନ୍ୟଜଣକୁ ମାତ୍ର ୭ ହଜାର ଟଙ୍କାରେ ବିକ୍ରି କରିଥିବା ବେଳେ ଚାଇଲ୍ଡଲାଇନ୍ ଶିଶୁପୁତ୍ରଟିକୁ ଉଦ୍ଧାର କରିଛି । ଅନ୍ୟପକ୍ଷରେ ପିଲାଟିକୁ କିଣିଥିବା ଦମ୍ପତିଙ୍କୁ ପୋଲିସ ଅଟକ ରଖିଛି । ସୂଚନା ଅନୁସାରେ, ଯାଜପୁର ଟାଉନ୍ ଥାନା ଅନ୍ତର୍ଗତ ବିରଜା ମନ୍ଦିର ନିକଟରେ ବିକ୍ରମ ମୁଣ୍ଡା ଓ ପତ୍ନୀ ଜଙ୍ଗା ମୁଣ୍ଡା ଅନେକ ବର୍ଷରୁ ରହି ଆସୁଛନ୍ତି । ମାସକ ତଳେ ସେମାନଙ୍କର ଏକ ପୁଅ ଜନ୍ମ ହୋଇଥିଲା । ଦାରିଦ୍ର୍ୟ ଯୋଗୁଁ ଉଭୟଙ୍କର ଚଳିବାରେ ସମସ୍ୟା ହେବାରୁ ଜଙ୍ଗା ତାଙ୍କ ଶିଶୁପୁତ୍ରକୁ ଟାଉନ୍ ଥାନା ଅଙ୍କୁଲା ଅଞ୍ଚଳର ମୋହନ ଜେନାଙ୍କୁ ରଖିବାକୁ ଦେଇଥିଲେ । ମୋହନ ପିଲାକୁ ନିଜ ପାଖରେ ନରଖି ସମ୍ପର୍କୀୟ ଟାଉନ୍ ଥାନା ଅନ୍ତର୍ଗତ ହଳଦିପଦା ଅଞ୍ଚଳର ଜଳିଆ ଜେନାଙ୍କୁ ଦେଇଥିଲେ । ଏହାର ପ୍ରତିବଦଳରେ ମୋହନ ଶିଶୁପୁତ୍ରର ମା'ଙ୍କୁ ୭ ହଜାର ଟଙ୍କା ଦେଇଥିଲେ । ତେବେ ମା' ଜଙ୍ଗା ମୁଣ୍ଡା ପୁଅକୁ ସ୍ତନ୍ୟପାନ କରାଇବାକୁ ଯାଉଥିଲେ । ମାତ୍ର ଶିଶୁପୁତ୍ରକୁ ରଖିଥିବା ଜଳିଆଙ୍କ ପରିବାର ପକ୍ଷରୁ ଶିଶୁର ମା'ଙ୍କୁ ସ୍ତନ୍ୟପାନ କରାଇବାକୁ ବାରଣ କରାଯାଇଥିଲା । ପରେ ଜଙ୍ଗା ନିଜ ପୁଅକୁ ଫେରାଇ ଦେବାକୁ କହିଥିଲେ । ମାତ୍ର ଜେନା ପରିବାର ଟଙ୍କା ଦେଇ ପିଲା କିଣିଥିବାରୁ ପିଲାକୁ ଫେରାଇବାକୁ ମନା କରିଦେଇଥିଲେ । ଏ ସମ୍ପର୍କରେ ଖବର ପାଇବା ପରେ ଥାନା ଅଧିକାରୀ ଶରତ ପାତ୍ର ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇଥିଲେ । ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ନିର୍ଦ୍ଦେଶକ୍ରମେ ଚାଇଲ୍ଡଲାଇନ୍ ସଂଯୋଜକ ବରେନ୍ଦ୍ର ଦାଶ ଓ ପୋଲିସ ମିଳିତ ଭାବେ ଚଢ଼ଉ କରି ଶିଶୁପୁତ୍ରକୁ ଉଦ୍ଧାର କରି ଥାନାକୁ ଆଣିଥିଲେ ।

ହଜ୍ ତୀର୍ଥଯାତ୍ରା ନାଁରେ ଠକେଇ:ଟ୍ରାଭେଲ୍ ଏଜେନ୍ସି ମାଲିକଙ୍କ ପୁଅ ଗିରଫ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ହଜ୍ ତୀର୍ଥଯାତ୍ରା ନାଁରେ ବଡ଼ ଧରଣର ଠକେଇ । ରାକେଟ୍‌ର ପର୍ଦ୍ଦାଫାସ କରିଛି କ୍ରାଇମ୍‌ବ୍ରାଞ୍ଚ । ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏହି ମାମଲାରେ ଇଓଡବ୍ଲ୍ୟୁ ଭଦ୍ରକର ଅଲ୍ ଆଦାମ୍ ଟୁର୍ ଆଣ୍ଡ୍ ଟ୍ରାଭେଲ୍ସର ମାଲିକ ଫିରଦୋଷ ବି ଅବ୍‌ଦୁଲ୍ ମୁବିନ୍ ଶେଖ୍, ତାଙ୍କ ପୁଅ ନବିଲ୍ ଅବ୍‌ଦୁଲ୍ ମୁବିନ୍ ଶେଖ୍ ଓ ତାଙ୍କ ଝିଅ ସଇମା ଅଞ୍ଜୁମ୍ ଶେଖ୍ ଏବଂ ପଶ୍ଚିମ ମୁମ୍ବାଇର ଅଲ୍- ଇଜ୍‌ମା ଟୁର୍ ଆଣ୍ଡ ଟ୍ରାଭେଲ୍ସ ମାଲିକ ମହମ୍ମଦ ବିସମିଲ୍ଲା ଶେଖ୍‌ଙ୍କ ନାମରେ ମାମଲା ରୁଜୁ କରିଛି । ଏହି ଦୁଇ ଟ୍ରାଭେଲ୍ସ ଏଜେନ୍ସି ୧୮୯ଜଣ ହଜ୍ ଯାତ୍ରୀଙ୍କ ଠାରୁ ୧ କୋଟି ୨୦ ଲକ୍ଷ ଟଙ୍କା ବୂଜ ଲଗାଇବା ଅଭିଯୋଗ ହୋଇଥିଲା । ଏହି ମାମଲାରେ ଇଓଡବ୍ଲ୍ୟୁ ନବିଲ୍ ଅବଦୁଲ୍ ମୁବିନ୍ ଶେଖ୍‌କୁ ମୁମ୍ବାଇରୁ ଗିରଫ କରିଛି । ଗିରଫ ପରେ ତାକୁ ମୁମ୍ବାଇ ଅନ୍ଧେରୀ ସ୍ଥିତ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରି ଟ୍ରାନ୍‌ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣି ବାଲେଶ୍ୱର ଓପିଆଇଡି କୋର୍ଟ ଚାଲାଣ କରାଯାଇଛି । ଏହି ଦୁଇଟି ଟ୍ରାଭେଲ୍ସ ଏଜେନ୍ସି ଆପରାଧିକ ଷଡ଼ଯନ୍ତ୍ର କରି ଭଦ୍ରକ, ବାଲେଶ୍ୱର, ବାରିପଦାର ୧୮୯ ଜଣ ହଜ୍ ଯାତ୍ରୀଙ୍କୁ (ଉମ୍‌ରା) ଉପଲକ୍ଷେ ସାଉଦି ଆରବ ବୁଲାଇ ନେବା ନାଁରେ ଠକେଇ କରି ଚମ୍ପଟ ମାରିଥିଲେ । ଏହି ଦୁଇ ଟ୍ରାଭେଲ୍ସ ଏଜେନ୍ସି ମହାରାଷ୍ଟ୍ର ଓ ଦିଲ୍ଲୀରେ ସମାନ ଢଙ୍ଗରେ ବିପୁଳ ପରିମାଣର ଅର୍ଥ ହଡ଼ପ କରିଥିବା ଅନୁସନ୍ଧାନରୁ ଜଣାପଡ଼ିଛି । ଦୁଇ ଟ୍ରାଭେଲ୍ସ ଏଜେନ୍ସିର ଅନ୍ୟ ଅଭିଯୁକ୍ତମାନଙ୍କୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଖୋଜୁଛି । ଗିରଫ ଅଭିଯୁକ୍ତର ପାକିସ୍ତାନ ଏକ କ୍ୟାଟରିଂ ଏଜେନ୍ସି ସହ ଆର୍ଥିକ କାରବାର ହୋଇଥିବା ଖୋଳତାଡ଼ରୁ ଜଣାପଡ଼ିବା ପରେ ତଦନ୍ତକାରୀ ସଂସ୍ଥା ଏହାକୁ ଗୁରୁତ୍ୱର ସହ ନେଇଛି । ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ କାଜିମହଲର ମିର୍ ଖୁର୍ସିଦ ଏନେଇ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ । ସେ ତାଙ୍କ ଅଭିଯୋଗରେ ଅଲ୍ ଆଦାମ୍ ଟୁର୍ ଆଣ୍ଡ ଟ୍ରାଭେଲ୍ସ ମାଲିକ ଓ ତାଙ୍କ ପୁଅ, ଝିଅ ନାଁରେ ମାମଲା କରିବା ସହ ମୁମ୍ବାଇର ଅଲ୍-ଇଜ୍‌ମା ଟୁର୍ ଆଣ୍ଡ ଟ୍ରାଭେଲ୍ସ ମାଲିକ ବିରୋଧରେ ଅଭିଯୋଗ କରିଥିଲେ । ଏହି ଦୁଇ ଟ୍ରାଭେଲ୍ସ ସଂସ୍ଥା ଜଣ ପିଛା ୪୫,୭୮୬ ଏବଂ ୫୦,୭୮୬ ଟଙ୍କା ନେଇ ସାଉଦି ଆରବ ବୁଲାଇବା ସହ ହଜ୍ କରାଇବା ନାଁରେ ଟଙ୍କା ସଂଗ୍ରହ କରିଥିଲେ । ଇଓଡବ୍ଲ୍ୟୁର ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଅଲ୍ ଆଦାମ୍ ଟୁର୍ ଆଣ୍ଡ ଟ୍ରାଭେଲ୍ସ ଏଜେନ୍ସି ୨୦୧୯ରୁ ୨୦୨୩ ମସିହା ମଧ୍ୟରେ ସୋସିଆଲ୍ ମିଡିଆରେ ଆକର୍ଷଣୀୟ ପ୍ୟାକେଜ୍ ସହ ବିଜ୍ଞାପନ ଦେଇଥିଲା । ଯେଉଁଥିରେ ସେମାନେ ମୁସ୍‌ଲିମ୍ ସଂପ୍ରଦାୟର ଲୋକଙ୍କୁ ଆକର୍ଷିତ କରିବା ପାଇଁ ଦୁଇଟି ପ୍ୟାକେଜ୍ ବ୍ୟବସ୍ଥା ଜରିଆରେ ଉମ୍‌ରା ଭ୍ରମଣ ନାଁରେ ଆରବ ଦେଶକୁ ବୁଲାଇବା ସହ ମକ୍କା ଓ ମଦିନା ନେବାର ପ୍ରତିଶ୍ରୁତି ଦେଇଥିଲା । ଆଶାୟୀ ଯାତ୍ରୀ, ଏଜେନ୍ସି ତରଫରୁ ଦିଆଯାଇଥିବା ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଥିଲେ । ୨୦୨୩ ମସିହାର ପ୍ରଥମ ୬ ମାସ ପର୍ଯ୍ୟନ୍ତ ଟଙ୍କା ସଂଗ୍ରହ କରିବା ପରେ ଫିରଦୋଷ ଓ ନବିଲ୍ ମୋବାଇଲ ଫୋନ୍ ବନ୍ଦ କରି ଫେରାର୍ ହୋଇଯାଇଥିଲେ । ସଂଗୃହୀତ ଟଙ୍କାକୁ ଅଭିଯୁକ୍ତମାନେ ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର୍ କରିଥିଲେ । ଏପରିକି କିଛି ଟଙ୍କା ଏଟିଏମ୍ ଜରିଆରେ ଉଠାଇ ନେଇଥିଲେ । କିଛି ଯାତ୍ରୀଙ୍କୁ ଟଙ୍କା ଫେରସ୍ତ ପାଇଁ ଚେକ୍ ଦିଆଯାଇଥିବା ବେଳେ ବ୍ୟାଙ୍କ୍‌ରେ ତାହା ବାଉନ୍ସ ହୋଇଯାଇଥିଲା ।

ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଜେନାପୁର ଥାନା ଅନ୍ତର୍ଗତ ଜାରକା କବାଟବନ୍ଧ ରାସ୍ତାର ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାରେ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି । ଏହି ଥାନା ରାଇଛନ୍ଦା ଗ୍ରାମର ବୈକୁଣ୍ଠ ସାହୁ (୮୦) ସନ୍ଧ୍ୟା ସମୟରେ ନଦୀବନ୍ଧ ରାସ୍ତା ପାର୍ ହେଉଥିବା ବେଳେ ତାଙ୍କୁ ବାଇକ୍ ଧକ୍କା ଦେଇଥିଲା । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ସଙ୍ଗେ ସଙ୍ଗେ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଛି । ମୃତ୍ୟୁ ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଲୋକମାନେ ସେଠାରେ ହମ୍ପସ୍ ନିର୍ମାଣ ଦାବିକରି ରାସ୍ତା ଉପରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଜେନାପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।

ମରଣଯନ୍ତା ପାଲଟିଛି ଚଟୁଅନକା ମାଝୀପଡ଼ା ରାସ୍ତା

କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗୀର ଜିଲ୍ଲା ଟୁରେକେଲା ବ୍ଲକ ଚଟୁଅନକା ଗ୍ରାମର ମାଝୀପଡ଼ା ପ୍ରାଥମିକ ବିଦ୍ୟାଳୟକୁ ଯାଉଥିବା ଏହି ରାସ୍ତା ମରଣଯନ୍ତା ପାଲଟିଥିବା ଯୋଗୁଁ ଗ୍ରାମବାସୀ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ନାହିଁନଥିବାର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏଣୁ ଏହାର ତୁରନ୍ତ ମରାମତି କରାଇବା ପାଇଁ ଜିଲ୍ଲାପାଳ ମହାଶୟଙ୍କ ପାଖରେ ସମାଜସେବୀ ବିଶିକେସନ ମାଝୀ ଗତ ୨୮/୦୬/୨୦୨୩ ତାରିଖରେ ଟିକେଟ୍ ଆଇଡି ଡିଏମ୍/୨୦୨୩୨୩୭୬୫୮ ଜନଶୁଣାଣିରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗର ଫଏସଲା ଗତ ୨୬ ଜୁଲାଇ ୨୦୨୩ରେ ହୋଇଛି । ହେଲେ ଆଜିକୁ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଏଣୁ ଏହି ରାସ୍ତାର ତୁରନ୍ତ ରାସ୍ତା ତିଆରି ପାଇଁ ଜିଲ୍ଲାପାଳ ମହାଶୟଙ୍କୁ ଅନୁରୋଧ କରିଛନ୍ତି ଗ୍ରାମବାସୀ ।

ରାଜ୍ୟର ବିଭିନ୍ନ ଅଭୟାରଣ୍ୟରେ ଅଛନ୍ତି ୭୦୦ କଲରାପତରିଆ ବାଘ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ଜଙ୍ଗଲରେ ପାଖାପାଖି ୭୦୦ କଲରାପତରିଆ ବାଘ ରହିଛନ୍ତି । ଶିମିଳିପାଳ ଓ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟରେ ଏମାନଙ୍କ ସଂଖ୍ୟା ବହୁତ ଅଧିକ । ମହାବଳ ଶୂନ୍ୟ ହୋଇଥିବା ସାତକୋଶିଆ ଅଭୟାରଣ୍ୟରେ ୬୦ରୁ ଅଧିକ କଲରାପତରିଆ ଚଳପ୍ରଚଳ କରୁଛନ୍ତି । ଡେବ୍ରିଗଡ଼ ଅଭୟାରଣ୍ୟରେ ମଧ୍ୟ ସେମାନଙ୍କ ଉପସ୍ଥିତି ରହିଛି । ନୟାଗଡ଼, ବୌଦ୍ଧ, କନ୍ଧମାଳ, କୋରାପୁଟ, ମାଲକାନଗିରି, ଗଞ୍ଜାମ ପରି ଜିଲ୍ଲା ଗୁଡ଼ିକରେ ସଂଯୋଗ କରିଥିବା ଜଙ୍ଗଲରେ କଲରାପତରିଆ ରହିଛନ୍ତି । ରାଜ୍ୟ ବନ ବିଭାଗ ପକ୍ଷରୁ ମେ ମାସରେ କରାଯାଇଥିବା କଲରାପତରିଆ ବାଘ ଗଣନା ସମୟରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି । ଗୋଟିଏ ପଟେ କେନ୍ଦ୍ର ସରକାରଙ୍କ ରିପୋର୍ଟରେ ଓଡ଼ିଶାରେ କଲରାପତରିଆ ବାଘଙ୍କ ସଂଖ୍ୟା ହ୍ରାସ ପାଇଥିବା ଦର୍ଶାଯାଇଥିବା ବେଳେ ଏବେ ରାଜ୍ୟ ସରକାରଙ୍କ ରିପୋର୍ଟରେ ସଂଖ୍ୟା ବୃଦ୍ଧିକୁ ନେଇ ବିଶେଷଜ୍ଞମାନେ ଖୁସି ବ୍ୟକ୍ତ କରିଛନ୍ତି । ମେ ମାସରେ ୪୦ ଦିନ ଧରି ଚାଲିଥିବା କଲରାପତରିଆ ବାଘ ଗଣନାରେ ଟ୍ରାପ୍ କ୍ୟାମେରା ବ୍ୟବହାର ହୋଇଥିଲା । ରାଜ୍ୟର ୫୧ଟି ଡିଭିଜନ୍‌ରେ ୩,୩୧୨ଟି କ୍ୟାମେରା ଲାଗିଥିଲା । ବ୍ୟାଘ୍ର ଅଭୟାରଣ୍ୟ ଭିତରେ କଲରାପତରିଆଙ୍କ ଯାଞ୍ଚ କରିବାକୁ ପ୍ରତି ଦୁଇବର୍ଗ କିଲୋମିଟର ବ୍ୟବଧାନରେ କ୍ୟାମେରା ବ୍ୟବସ୍ଥା ହେବା ସହ ଅନ୍ୟାନ୍ୟ ବନ୍ୟପ୍ରାଣୀ ଅଭୟାରଣ୍ୟ ଗୁଡ଼ିକରେ ୨୫ ବର୍ଗ କିଲୋମିଟରରେ ୫ ଯୋଡ଼ା ଟ୍ରାପ୍ କ୍ୟାମେରା ଖଞ୍ଜା ଯାଇଥିଲା । ୨୦୨୩ ସେପ୍ଟେମ୍ବର ୧୫ରୁ ଜାନୁଆରୀ ୩୧ ମଧ୍ୟରେ ରାଜ୍ୟସ୍ତରୀୟ ବାଘ ଗଣନା ପାଇଁ ଲଗାଯାଇଥିବା ଟ୍ରାପ୍ କ୍ୟାମେରାରେ ଉତ୍ତୋଳିତ ଚିତ୍ରଗୁଡ଼ିକୁ ରେଫରେନ୍ସ ଭାବେ ବ୍ୟବହାର କରାଯାଇ ଏହି ଗଣନା ହୋଇଥିଲା । ଗଣନାରେ ଯେପରି କୌଣସି ପ୍ରକାଶ ତ୍ରୁଟି ନହୁଏ ସେଥିପ୍ରତି ଆବଶ୍ୟକୀୟ ପଦକ୍ଷେପ ନିଆଯାଇଥିଲା । କ୍ୟାମେରାରେ ଉତ୍ତୋଳିତ ଚିତ୍ରଗୁଡ଼ିକୁ ବାରମ୍ବାର ଯାଞ୍ଚ କରାଯାଇ ରିପୋର୍ଟ ପ୍ରସ୍ତୁତ ହୋଇଛି ।

ଆହୁରି ଦେଖାଯାଇଛି ଯେ ବାହାର ରାଜ୍ୟର କଲରାପତରିଆ ବାଘ ଓଡ଼ିଶା ଜଙ୍ଗଲକୁ ଆସୁଛନ୍ତି । ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଜଙ୍ଗଲର କଲରାପତରିଆ ବାଘ ଓଡ଼ିଶା ମଧ୍ୟକୁ ପଶି ଆସୁଥ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୨୪୬ ● ୨ ଅକ୍ଟୋବର ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-246 ● 2nd October 2024, Wednesday ● Bhubaneswar
Licensed to post without pre-payment of postage No- BN-60/22-24

ପୁଣି କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଲେ ଜୁନିୟର ଡାକ୍ତର, ଚିନ୍ତାରେ ସରକାର

ନୂଆଦିଲ୍ଲୀ, ୧।୧୦

ଆରଜି କର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ନ୍ୟାୟ ଦାବିରେ ଜୁନିୟର ଡାକ୍ତରମାନେ ୪୨ ଦିନ ଧରି ବିକ୍ଷୋଭ କରିଥିଲେ । ଏହାପରେ ସେପ୍ଟେମ୍ବର ୨୧ରୁ ଆଂଶିକ ଭାବେ ସେମାନେ କାର୍ଯ୍ୟରେ ଯୋଗ ଦେଇଥିଲେ ।

ପଶ୍ଚିମବଙ୍ଗର ଜୁନିୟର ଡାକ୍ତରମାନେ ସେମାନଙ୍କ ଅର୍ନିଦ୍ଦିଷ୍ଟ ଓ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପୁଣି ଆରମ୍ଭ କରିଛନ୍ତି । ସରକାର ପୂର୍ବ ଆନ୍ଦୋଳନ ପ୍ରତ୍ୟାହାର ବେଳେ ଦେଇଥିବା ଦାବିଗୁଡ଼ିକୁ ପୂରଣ କରୁ ନଥିବାରୁ ସେମାନେ ଏପରି ପଦକ୍ଷେପ ନେଇଛନ୍ତି । ସେମାନେ ହସ୍ପିଟାଲରେ ସୁରକ୍ଷା ବ୍ୟବସ୍ଥାକୁ ନିଶ୍ଚିତ କରିବା ସହ ବିଭିନ୍ନ ଦାବି ଉପସ୍ଥାପନା କରି ଆସୁଛନ୍ତି । ହେଲେ ସେଗୁଡ଼ିକ ଏଯାଏ ପୂରଣ ହୋଇନି ।

ଅଙ୍କିତ ମାହାତୋ ନାମକ ଜଣେ ଆନ୍ଦୋଳନରତ ଜୁନିୟର ଡାକ୍ତର କହିଛନ୍ତି, ସୁରକ୍ଷା ସମ୍ପର୍କିତ ଆମ ଦାବିକୁ ପୂରଣ କରିବା ଦିଗରେ ରାଜ୍ୟ ସରକାର କୌଣସି

ସକାରାତ୍ମକ ପଦକ୍ଷେପ ନେବା ଭଳି ଆମେ ଦେଖିବାକୁ ପାଉନୁ । ଆନ୍ଦୋଳନ ୫୨ ଦିନରେ ପହଞ୍ଚିଥିବା ବେଳେ ଆମେ ଏବେ ବି ଆକ୍ରମଣର ଶିକାର ହେଉଛୁ ।

ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ବୈଠକ କରିବା ବେଳେ ଆମକୁ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକୁ ପୂରଣ କରାଯାଉ ନାହିଁ । ଏପରି ଏକ ସ୍ଥିତିରେ ଆମ ପାଖରେ ସଂପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଛଡ଼ା ଆଉ କିଛି ଉପାୟ ନାହିଁ । ଅତିରିକ୍ତ ଭାବେ ଜୁନିୟର ଡାକ୍ତରମାନେ ଏକାଠି ହୋଇ କଲେଜ (ପୃଷ୍ଠା ୭ରେ)

ସୁପ୍ରିମକୋର୍ଟରେ ଶୁଣାଣି ପର୍ଯ୍ୟନ୍ତ ଲଡୁ ବିବାଦର ତଦନ୍ତ ସ୍ଥଗିତ

ତିରୁପତି ଲଡୁ ବିବାଦର ତଦନ୍ତ ସ୍ଥଗିତ ରଖିଛନ୍ତି ଆନ୍ଧ୍ରପ୍ରଦେଶ ସରକାର

ହାଇଦ୍ରାବାଦ, ୧।୧୦

ଆନ୍ଧ୍ରପ୍ରଦେଶ ତିରୁପତି ବାଲାଜୀ ମନ୍ଦିରର ଲଡୁ ବିବାଦକୁ ନେଇ ଚାଲିଥିବା ତଦନ୍ତ ସ୍ଥଗିତ ରଖାଯାଇଛି । ଏହି ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟରେ ଶୁଣାଣି ନ ହେବା ପର୍ଯ୍ୟନ୍ତ ତଦନ୍ତ ହୋଇପାରିବ ନାହିଁ । ମଙ୍ଗଳବାର ଆନ୍ଧ୍ରପ୍ରଦେଶ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଲଡୁ ପ୍ରସ୍ତୁତ ପ୍ରଣାଳୀ ଉପରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ଆଣିଥିବା ଅଭିଯୋଗ ଉପରେ ସୁପ୍ରିମକୋର୍ଟ ପ୍ରଶ୍ନବାଚୀ ସୃଷ୍ଟି କରିବାର ଦିନକ ପରେ ସରକାର ତଦନ୍ତକୁ ସ୍ଥଗିତ ରଖିଛନ୍ତି । ଆସନ୍ତା ୩ରେ ସୁପ୍ରିମକୋର୍ଟ ତିରୁପତି ଲଡୁ ବିବାଦର ପରବର୍ତ୍ତୀ ଶୁଣାଣି କରିବେ ।

ସେପ୍ଟେମ୍ବର ୩୦ରେ ଏହା ଉପରେ ଶୁଣାଣି କରି ମୁଖ୍ୟମନ୍ତ୍ରୀ ନାଇଡୁଙ୍କ ସାମ୍ବାଦିକ ସମ୍ମିଳନୀ ଉପରେ ପ୍ରଶ୍ନ ଉଠାଇଥିଲେ ସର୍ବୋଚ୍ଚ ଅଦାଲତ । ତଦନ୍ତ ଶେଷ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ସାମ୍ବାଦିକ ସମ୍ମିଳନୀ କରିବାର କ'ଣ ଆବଶ୍ୟକ ଥିଲା ବୋଲି ସୁପ୍ରିମକୋର୍ଟ କହିଥିଲେ । ଏଥିସହ ଭଗବାନଙ୍କୁ ରାଜନୀତିରୁ

ଦୂରେଇ ରଖିବାକୁ ଅପିଲ କରିଥିଲେ ।

ପ୍ରକାଶ ଥାଉକି, ସେପ୍ଟେମ୍ବରରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ତିରୁପତି ମନ୍ଦିର ଲଡୁକୁ ନେଇ ବଡ଼ ଧରଣର ଅଭିଯୋଗ ଆଣିଥିଲେ । ମନ୍ଦିର ଲଡୁ ପ୍ରସ୍ତୁତ ହେଉଥିବା ଘିଅରେ ପଶୁ ଚର୍ବି ଅପମିଶ୍ରିତ ହେଉଥିବା ସେ ଅଭିଯୋଗ କରିଥିଲେ । ପୂର୍ବରୁ ଜଗନ ମୋହନ ରେଡ୍ଡୀଙ୍କ ସରକାର ସମୟରୁ ଏପରି ହୋଇ ଆସୁଥିବା ସେ ଅଭିଯୋଗ କରିଥିଲେ ।

ଏହାପରେ ଗୁଜରାଟର ଏକ ଘରୋଇ ଲ୍ୟାବ୍‌ରେ ପରୀକ୍ଷଣ କରାଯାଇ ଘିଅରେ ମାଛ ତେଲ, ଘୁଷୁରି ଓ ଗୋରୁ-ଚର୍ବି ମିଶ୍ରିତ ହେଉଥିବା କୁହାଯାଇଥିଲା । ସ୍ପେଶାଲ ଇନଭେଷ୍ଟିଗେସନ ଟିମ୍‌କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ବର୍ତ୍ତମାନ ସରକାର ତଦନ୍ତକୁ ସ୍ଥଗିତ ରଖିଛନ୍ତି ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

ବ୍ଲାକଲିଷ୍ଟ ସଂସ୍ଥାକୁ ଆର୍‌ଆଇ, ଅମିନ ପରୀକ୍ଷା ଦାୟିତ୍ୱ ଦିଆଯିବା ଉଚିତ ନୁହେଁ : ମନ୍ତ୍ରୀ

ଭୁବନେଶ୍ୱର, ୧।୧୦
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ସବ-ଅର୍ଡିନେଟ୍ ଷ୍ଟାଫ ସିଲେକ୍ସନ କମିଶନ (ଓଏସଏସଏସସି) ଦ୍ୱାରା ଆର୍‌ଆଇ, ଏଆର୍‌ଆଇ, ଆଇସିଡିଏସ ସୁପର ଭାଇଜର, ଅମିନ ପରୀକ୍ଷାରେ ଅନିୟମିତତା ହେଉଥିବା ଅଭିଯୋଗ ମଧ୍ୟରେ ବଡ ବୟାନ ଦେଇଛନ୍ତି ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ ।

ମନ୍ତ୍ରୀ କହିଛନ୍ତି ଯେ, ବ୍ଲାକ୍‌ଲିଷ୍ଟ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯିବା କଥା ନୁହେଁ । ଏହା ପୂର୍ବ ସରକାରରୁ ରହି ଆସିଛି, ଆମେ ଏହି ବିଷୟ ଦେଖୁଛୁ, ତର୍ଜମା କରୁଛୁ । ପିଲାଙ୍କ ଭବିଷ୍ୟତ ସହ ଖେଳାଯିବ ନାହିଁ, ପିଲାମାନେ ଆଶ୍ୱସ୍ତ ରୁହନ୍ତୁ, ଠିକ ସମୟରେ ନିଷ୍ପତ୍ତି ନିଆଯିବ । (ପୃଷ୍ଠା ୭ରେ)

ଇରାନର କ୍ଷେପଣାସ୍ତ୍ରକୁ ମାରି ଖସାଇବା ପାଇଁ ନିର୍ଦ୍ଦେଶ ଦେଲେ ବାଇଡେନ

ନୂଆଦିଲ୍ଲୀ, ୧।୧୦

ଇସ୍ରାଏଲ ଉପରେ ଇରାନର ଘନ ଘନ ମିସାଇଲ ଆକ୍ରମଣ ପରେ ପ୍ରତିକ୍ରିୟାଶୀଳ ହୋଇଛି ଆମେରିକା । ହ୍ୱାଇଟ ହାଉସର ଅପଡେଟ୍ ଅନୁଯାୟୀ ରାଷ୍ଟ୍ରପତି ବାଇଡେନ ଆମେରିକାର ସୈନ୍ୟବାହିନୀକୁ ଇରାନର ଆକ୍ରମଣରୁ ଇସ୍ରାଏଲର ପ୍ରତିରକ୍ଷା ତଥା ଇସ୍ରାଏଲକୁ ଟାର୍ଗେଟ କରୁଥିବା କ୍ଷେପଣାସ୍ତ୍ରଗୁଡିକୁ ମାରି ଖସାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ଏବଂ ଉପରାଷ୍ଟ୍ରପତି କମଲା ହ୍ୟାରିସ୍ ହ୍ୱାଇଟ ହାଉସରରୁ ଇସ୍ରାଏଲ ଉପରେ ହୋଇଥିବା ଇରାନ ଆକ୍ରମଣ ଉପରେ ନଜର ରଖିଛନ୍ତି । ମଙ୍ଗଳବାର ମଧ୍ୟପ୍ରାଚ୍ୟରେ ଚାଲିଥିବା ବିବାଦର ଏକ ବଡ଼ ଧରଣର ବୃଦ୍ଧିରେ ଇରାନ ମଙ୍ଗଳବାର ଦିନ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ (ପୃଷ୍ଠା ୭ରେ)

DADLS-35



ସତ୍ୟମେବ ଜୟତେ

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା ।

(ରଘୁବର ଦାସ)

ଓଡ଼ିଶା ସରକାର

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ ଶୁଭେଚ୍ଛା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ ଓ ଅହିଂସାର ପ୍ରତୀକ । ତାଙ୍କର ଆଦର୍ଶ ଓ ବିଚାରଧାରାର ସର୍ବକାଳୀନ ପ୍ରାସଙ୍ଗିକତା ରହିଛି । ଆସନ୍ତୁ, ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟ ତଥା ଦେଶର କଲ୍ୟାଣ ପାଇଁ ସମର୍ପିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0222/2425

ପକ୍ଷାତୀତ

30 YEARS
ସମ୍ବାଦ କଳିକା

ଗତ ୬ ବର୍ଷରେ ସୁନା ଭଣ୍ଡାରରେ ୪୬ ପ୍ରତିଶତ ବୃଦ୍ଧି

ସୁନା ଗହଣାର ଲୋଭ ସମସ୍ତଙ୍କର ରହିଛି । ବିଶେଷ କରି ମହିଳାମାନେ ଅଳଙ୍କାର ଆକାରରେ ସୁନା କିଣିବାକୁ ଅଧିକ ପସନ୍ଦ କରନ୍ତି । ବିବାହ ବେଳେ ମଧ୍ୟ ସୁନା ଗହଣା ଉପହାର ଦେବାର ପରମ୍ପରା ରହିଛି । ତେବେ ସୁନାକୁ କେବଳ ସାଧାରଣ ଲୋକମାନେ ନୁହେଁ, ଭାରତୀୟ ରିଜର୍ଭ ବ୍ୟାଙ୍କ ବି ବହୁତ ପସନ୍ଦ କରୁଛି । ସେଥିପାଇଁ ଏହା ଚଳିତ ବର୍ଷର ପ୍ରଥମ ଦୁଇ ମାସରେ ୧୩.୩ ଟନ୍ ସୁନା କିଣି ଏହାର ଭଣ୍ଡାର ଭର୍ତ୍ତି କରିଛି । ସୁନା ମୂଲ୍ୟ ଏବେ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ରହିଛି । ସ୍ଥାନୀୟ ବଜାରରେ ସୁନାର ୧୦ ଗ୍ରାମ ପିଛା ଦାମ୍ ୭୩ ହଜାର ଟଙ୍କା ସ୍ତର ଅତିକ୍ରମ କରିଛି । ଅନ୍ତର୍ଜାତିକ ବଜାରରେ ସୁନାର ଆଉନ୍ସ ପିଛା ଦାମ୍ ୨୪୦୦ ଡଲାରରୁ ଅଧିକ ରହିଛି । ଏଭଳି ଏକ ସମୟରେ ରିଜର୍ଭ ବ୍ୟାଙ୍କ ନିଜ ଭଣ୍ଡାରରେ ଅଧିକ ସୁନା ଭର୍ତ୍ତି କରି ମୁଦ୍ରା ଭଣ୍ଡାରକୁ ଆହୁରି ସଶକ୍ତ କରିବା ଦିଗରେ କାମ କରୁଛି । ବୈଦେଶିକ ମୁଦ୍ରା ଭଣ୍ଡାରରେ ବିବିଧତା ଆଣିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ସୁନାର ଏକ ସ୍ୱତନ୍ତ୍ର ଭଣ୍ଡାର ରଖିଛି । ବିଶେଷ କରି ଆମେରିକୀୟ ଡଲାରରେ ଅସ୍ଥିରତା ଭଳି ଅଭାବନୀୟ ସମୟର ମୁକାବିଲା କରିବାରେ ସେହି ସୁନା କାମରେ ଆସିବ । ଭାରତୀୟ ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ଭଣ୍ଡାର ଚଳିତ ୫ ମାସରେ ରେକର୍ଡ ୬୪,୪୮୦ କୋଟି ଡଲାରକୁ ବୃଦ୍ଧି ପାଇଥିଲା । ୨୦୨୩ରେ ରିଜର୍ଭ ବ୍ୟାଙ୍କ ବର୍ଷ ସାରାରେ ଯେତିକି ସୁନା କିଣିଥିଲା, ତାହାର ୮୦ ପ୍ରତିଶତ ସୁନାକୁ ଏହା ଚଳିତ ବର୍ଷରେ କିଣିଛି । କିଛି ଦିନ ପୂର୍ବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଥିଲେ ଯେ ଆମେ ବିଭିନ୍ନ ବିଷୟ ବିଚାରକୁ ନେଇ ବୈଦେଶିକ ମୁଦ୍ରା ଭଣ୍ଡାରକୁ ବଢ଼ାଇବା ନିଷ୍ପତ୍ତି ଗ୍ରହଣ କରୁଛୁ । ଭଣ୍ଡାରରେ ବିବିଧତା ଆଣିବା ଲାଗି ୨୦୧୭ ଡିସେମ୍ବର ପରଠାରୁ ରିଜର୍ଭ ବ୍ୟାଙ୍କ ବ୍ୟାପକ ସୁନା କିଣୁଛି । ୨୦୧୭ ଡିସେମ୍ବରରେ ରିଜର୍ଭ ବ୍ୟାଙ୍କ ପାଖରେ ୧୭.୯୪ ନିୟୁତ ଟ୍ରୟ ଆଉନ୍ସ ସୁନା ଥିଲା । ୨୦୨୪ ତାହା ୨୬.୨୬ ନିୟୁତ ଟ୍ରୟ ଆଉନ୍ସକୁ ବୃଦ୍ଧି ପାଇଛି । ଗତ ୬ ବର୍ଷ ଭିତରେ ରିଜର୍ଭ ବ୍ୟାଙ୍କର ସୁନା ଭଣ୍ଡାରରେ ୪୬ ପ୍ରତିଶତ ବୃଦ୍ଧି ଘଟିଛି । କେବଳ ଭାରତୀୟ ରିଜର୍ଭ ବ୍ୟାଙ୍କ ନୁହେଁ ବିଶ୍ୱର ଅଧିକାଂଶ କେନ୍ଦ୍ରୀୟ ବ୍ୟାଙ୍କ ଭଣ୍ଡାରରେ ସୁନା ରହିଛି ।

ମୁକ୍ତି ସଂଗ୍ରାମର ଦୁଇ ସାରଥି ଗାନ୍ଧିଜୀ ଓ ଶାସ୍ତ୍ରୀଜୀ

ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ଅକ୍ଟୋବର ୨ ତାରିଖ ଦେଶପାଇଁ ଏକ ଅବିସ୍ମରଣୀୟ ଦିବସ । ଏହିଦିନ ଭାରତ ମାତା ପାଇଥିଲା ଦୁଇ ମହାପୁରୁଷଙ୍କୁ । ପବିତ୍ର ବେଦଭୂମି ଭାରତ ଭୂଖଣ୍ଡରେ ଜନ୍ମ ନେଇଥିଲେ ସତ୍ୟର ସାଧକ ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧି ଓ ଶାନ୍ତିର ଦୂତ ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ ।୧୮୬୯ ମସିହା ଅକ୍ଟୋବର ୨ ତାରିଖରେ ପିତା କରମଚାନ୍ଦ ଗାନ୍ଧି ଓ ମାତା ପୁତୁଲିବାଇଙ୍କ କୋଳ ମଣ୍ଡନ କରିଥିଲେ ଯୁଗ ପୁରୁଷ ମହାତ୍ମା ଗାନ୍ଧି । ସେହିଦିନ ଉତ୍ତରପ୍ରଦେଶର ମୁଗଲସରାଇଠାରେ ୧୯୦୪ ମସିହା ଅକ୍ଟୋବର ୨ ତାରିଖରେ ଜନ୍ମଲାଭ କରିଥିଲେ ଶାସ୍ତ୍ରୀଜୀ । ଜଣେଥିଲେ ସତ୍ୟ ଓ ଅହିଂସାର ଜନକ ଅନ୍ୟଜଣେ ଥିଲେ ସେବା ଓ ଶାନ୍ତିର ପୂଜକ । ଜାତିର ଜନକ ମହାତ୍ମା ଗାନ୍ଧି ଓ ଶାନ୍ତିର ଦୂତ ଲାଲବାହାଦୂର ଶାସ୍ତ୍ରୀଜୀଙ୍କ ଜୀବନର ଆଧାର ଥିଲା ତ୍ୟାଗ ଓ ସେବା । ଦେଶ ଓ ଦଶର ଉନ୍ନତି ପାଇଁ ନିଜକୁ ସମର୍ପି ଦେଇଥିଲେ । ଅହିଂସାକୁ ଜୀବନର ବ୍ରତ କରି ଶେଷ ସମୟ ପର୍ଯ୍ୟନ୍ତ ମଧ୍ୟ ପ୍ରତିକୂଳ ପରିବେଶରେ ବିଚ୍ୟୁତ ନହୋଇ ଆଗକୁ ଗତି କରି ଇତିହାସ ରଚିଥିଲେ ଗାନ୍ଧିଜୀ । ଶାନ୍ତିର ଦୂତ ଶାସ୍ତ୍ରୀଜୀ ନିଜର ସଚ୍ଚୋଟତା, କର୍ମପ୍ରବଣତା ଓ ଦେଶ ପ୍ରତି ଅନୁରାଗ ପାଇଁ ସର୍ବଦା ସ୍ମରଣୀୟ ହୋଇ ରହିଛନ୍ତି । ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଅହିଂସାର ପୂଜାରୀ ଯୋଗଜନ୍ମା ଗାନ୍ଧିଜୀ ଛାତ୍ର ଜୀବନରୁ ଅହିଂସାର ପଥକୁ ବାଛିନେଇଥିଲେ । ଗାନ୍ଧିଜୀ ପିଲାବେଳୁ ଥିଲେ ସତ୍ୟବାଦୀ, ସାହସୀ, ସଦାଚାରୀ । ଜୀବନର ଶେଷ ପର୍ଯ୍ୟନ୍ତ ସେ ସତ୍ୟ ଓ ଅହିଂସା ଧର୍ମକୁ ପାଳନ କରିଥିଲେ । ଗାନ୍ଧିଜୀ କହୁଥିଲେ ଯେ ଅହିଂସା ହେଉଛି ମାନବ ଜାତିର ବଡ଼ ଶକ୍ତି ଓ ବିଶ୍ୱ ଶାନ୍ତି ପାଇଁ ଏକ ଅମୋଘ ଅସ୍ତ୍ର । ଗାନ୍ଧିଜୀ ଅହିଂସା ରୂପକ ଅସ୍ତ୍ରଦ୍ୱାରା ନିଜ ହୃଦୟରୁ ହିଂସା, ଦ୍ୱେଷ, ଲୋଭ, ମୋହମାୟା ଇତ୍ୟାଦିକୁ ଦୂର କରିପାରିଥିଲେ । ଅହିଂସାକୁ ସେ ପରମଧର୍ମ ଭାବରେ ଗ୍ରହଣ କରିଥିଲେ । ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ତାଙ୍କ ଜୀବନର ଆଦର୍ଶ ଥିଲା । ଗାନ୍ଧିଜୀ ବିଶ୍ୱର ଅନ୍ୟନେତାମାନଙ୍କ ତୁଳନାରେ ଭିନ୍ନଥିଲେ । ନେପୋଲିୟନ ଯୁଦ୍ଧକରି ପରାଜୟ ବରଣ କରିଥିଲେ । ହିଟଲର ୟୁରୋପକୁ କରାଗତକରି ଶେଷରେ ମୃତ୍ୟୁ ବରଣ କରିଥିଲେ । କିନ୍ତୁ ଗାନ୍ଧିଜୀ ନିର୍ଯାତନା ଭୋଗକରି ଶେଷରେ କୃତକାର୍ଯ୍ୟ ହୋଇଥିଲେ । ତାଙ୍କର ବିଜୟ ଥିଲା ଅନ୍ୟାୟ ଉପରେ ନ୍ୟାୟର ବିଜୟ । ମିଥ୍ୟା ଉପରେ ସତ୍ୟର ବିଜୟ ଏବଂ ପାଶବିକ ଶକ୍ତି ଉପରେ ନୈତିକ ଶକ୍ତିର ବିଜୟ । ବହୁଧର୍ମ, ସମ୍ପ୍ରଦାୟ, ଭାଷା, ସଂସ୍କୃତି ଓ ପରମ୍ପରାର ଏକ ବିଶାଳ ଭୂଖଣ୍ଡକୁ ଏକତାର ରଜୁରେ ବାନ୍ଧି ରଖିବାର ପ୍ରେରଣା କେବଳ ଗାନ୍ଧିଜୀଙ୍କ ଅହିଂସା

ଦ୍ୱାରା ସମ୍ଭବ ହୋଇପାରିଛି । ସତ୍ୟ ଓ ଅହିଂସାର ପୂଜାରୀ ଚାହୁଁନଥିଲେ ରକ୍ତପାତ । ତେଣୁ ସେ ଖଣ୍ଡା, ତୋପ, ଗୁଳିଗୋଳା ବଦଳରେ ଅହିଂସାକୁ ଅସ୍ତ୍ର କଲେ । ବିଦେଶୀ ଶକ୍ତି ବିରୁଦ୍ଧରେ ଲଢ଼ିବାପାଇଁ ଗାନ୍ଧିଜୀ ପ୍ରସ୍ତୁତ କଲେ ଅହିଂସା ଆନ୍ଦୋଳନର ଖସଡ଼ା । ହିଂସାତ୍ମକ ପନ୍ଥାକୁ ପରିହାର କରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଜାଗିଉଠିଲେ ଜନତା । ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ବିଦେଶୀ ଶକ୍ତି କବଳରୁ ଦେଶକୁ ମୁକ୍ତ କରିବାପାଇଁ ଭାରତୀୟ ଜାତୀୟ କଂଗ୍ରେସ ଅହିଂସା ଭିତ୍ତିକ ଆନ୍ଦୋଳନ ଚଳାଇଥିଲା । ବିଦେଶୀ ଶାସନରୁ ମୁକ୍ତି ପାଇବା ପାଇଁ ଗାନ୍ଧିଜୀ ଅହିଂସା ଓ ସତ୍ୟାଗ୍ରହ ରୂପକ ମାର୍ଗକୁ ବାଛିନେଇଥିଲେ । ଗାନ୍ଧିଜୀ କହୁଥିଲେ ଆମେ ଯେତେ ପରିମାଣରେ ଅହିଂସାକୁ କାର୍ଯ୍ୟକାରୀ କରିବା ସେହି ପରିମାଣରେ ଆମେ ସ୍ୱାଧୀନତା ଲାଭ କରିବା । ଦେଶ ସ୍ୱାଧୀନତା ଲାଭ କରିବା ପର୍ଯ୍ୟନ୍ତ ଗାନ୍ଧିଜୀ ସତ୍ୟାଗ୍ରହ ଓ ଅହିଂସା ନୀତିକୁ ଆପଣାଇ ନେଇଥିଲେ । ସର୍ବଶେଷରେ ସତ୍ୟ ଓ ଅହିଂସା ନୀତି ଆଗରେ ବିଦେଶୀ ଶକ୍ତି ହାର ମାନିଥିଲା । ଗାନ୍ଧିଜୀ ସାରା ବିଶ୍ୱକୁ ଦେଖାଇଦେଇଥିଲେ ଯେ ସତ୍ୟ ଓ ଅହିଂସା ହିଂସାଠାରୁ ଅଧିକ ଶକ୍ତି ସୃଷ୍ଟି କରିପାରେ । ସମଗ୍ର ବିଶ୍ୱ ଉପଲବ୍ଧି କଲା ଅହିଂସାର ମହତ୍ତ୍ୱକୁ । ସତ୍ୟ ଓ ଅହିଂସା ଗାନ୍ଧିଜୀଙ୍କ ପାଇଁ ଥିଲା ଜୀବନ ସଂହିତା । ଜାତିର ପିତା ଗାନ୍ଧିଜୀଙ୍କୁ ସମଗ୍ର ବିଶ୍ୱ ଅହିଂସାର ପ୍ରତୀକ ଏବଂ ପ୍ରତିରୂପ ରୂପେ ବାଛିନେଲେ । ଗାନ୍ଧିଜୀଙ୍କ ଦ୍ୱାରା ପ୍ରଭାବିତ ହୋଇ ନେଲ୍‌ସନ ମଣ୍ଡେଲା ଓ ମାର୍ଟିନ ଲୁଥର କିଙ୍ଗ ମଧ୍ୟ ଅହିଂସା ମାର୍ଗକୁ ଆଦରି ନେଇଥିଲେ । ଗାନ୍ଧିଜୀଙ୍କ ସମ୍ମାନାର୍ଥେ ୨୦୦୭ ଜୁନ୍ ୧୫ରେ ଜାତିସଂଘ ସାଧାରଣ ପରିଷଦରେ ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନ ଅକ୍ଟୋବର ୨କୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବେ ପାଳନ କରିବାକୁ ପ୍ରସ୍ତାବ ଆସିଥିଲା । ପରିଷଦର ସମସ୍ତ ସଦସ୍ୟ ଏହି ଦିନକୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବେ ପାଳନ କରିବାକୁ ସ୍ଥିର କରିଥିଲେ । ଜାତିସଂଘର ସବୁ ସଦସ୍ୟ ରାଷ୍ଟ୍ର ଦ୍ୱାରା ଏହି ଦିବସ ପାଳନ କରାଯାଉଛି । ଗାନ୍ଧିଜୀ ଯେ କେବଳ ଜାତିର ଜନକ ନୁହଁନ୍ତି ସେ ସମଗ୍ର ବିଶ୍ୱପାଇଁ ଆଦର୍ଶ । ମାନବ ସମାଜ ପାଇଁ ଏକ ଅସରନ୍ତି ପ୍ରେରଣାର ଉତ୍ସ ହେଉଛନ୍ତି ଲାଲ ବାହାଦୂର ଶାସ୍ତ୍ରୀ । କେବଳ ନାଁ ନୁହେଁ, ବାସ୍ତବରେ ସେ ଜଣେ ବାହାଦୂର ନେତା ଥିଲେ । ଶାସ୍ତ୍ରୀଜୀ ବାହାରୁ ଦେଖିବାକୁ ଯେମିତି ସାଧାରଣ ଦେଖାଯାଉଥିଲେ, ସେମିତି ମନରୁ ଶାନ୍ତ ଓ ନିର୍ମଳ ସ୍ୱଭାବର ଥିଲେ । ଶାସ୍ତ୍ରୀଜୀଙ୍କ ବାଲ୍ୟକାଳ ସଂଘର୍ଷରେ ବିତିଥିଲା । ମାତ୍ର ୧୬ ବର୍ଷ ବୟସରେ ମହାତ୍ମା ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନରେ ଭାଗ ନେଇ ଲାଲ ବାହାଦୂର ଶାସ୍ତ୍ରୀ ଭାରତକୁ ସ୍ୱାଧୀନତା ଦେବାକୁ ଲଢିଥିଲେ । ସ୍ୱଦେଶୀପ୍ରେମୀଙ୍କ ସଂସ୍ପର୍ଶରେ ଆସିଥିଲେ ଶାସ୍ତ୍ରୀଜୀ । ଶାସ୍ତ୍ରୀ ଦେଶର କୃଷକ ଏବଂ ଶ୍ରମିକମାନଙ୍କର ନେତା ଭାବରେ ମଧ୍ୟ ଜଣାଶୁଣା । ୧୯୬୫ ମସିହାରେ ଭାରତ-ପାକ୍ ଯୁଦ୍ଧ ସମୟରେ ଲାଲ ବାହାଦୂର ଶାସ୍ତ୍ରୀ ଜୟ ଯବାନ, ଜୟ କିଷାନ ସ୍ଲୋଗାନ ଦେଇଥିଲେ । ଲାଲ ବାହାଦୂର ଶାସ୍ତ୍ରୀ ତାଙ୍କର ସରଳ ପ୍ରକୃତି ଏବଂ ସରଳ ଜୀବନ ପାଇଁ ଜଣାଶୁଣା । ଦେଶର ଅଖଣ୍ଡତା ଓ ଏକତା ରକ୍ଷା କରିବାରେ ଶାସ୍ତ୍ରୀଜୀ ଥିଲେ ଅଦ୍ୱିତୀୟ । ଶାସ୍ତ୍ରୀଜୀ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଲାପରେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିଥିଲା । ଏତିକି ବେଳେ ଦେଶରେ ଖାଦ୍ୟ ଶସ୍ୟର ଘୋର ଅଭାବ ଦେଖାଦେଇଥିଲା । ତେଣୁ ଖାଦ୍ୟ ଶସ୍ୟ ଆମଦାନୀ କରିବା ପାଇଁ ଅନ୍ୟ ରାଷ୍ଟ୍ର ଉପରେ ନିର୍ଭରଶୀଳ ହେବାକୁ ପଡ଼ିଲା । ଏଭଳି ପରିସ୍ଥିତିରେ ଶାସ୍ତ୍ରୀଜୀ 'ଜୟ ଯବାନ ଜୟ କିଷାନ' ସ୍ଲୋଗାନ ଦ୍ୱାରା ଦେଶକୁ ରକ୍ଷା କରିବା ପାଇଁ ସୈନିକମାନଙ୍କୁ ଆହ୍ୱାନ ଦେବା ସହ ଭାରତର ଖାଦ୍ୟଶସ୍ୟ ଆମଦାନୀର ମାତ୍ରାକୁ କମ୍ କରିବା ନିମନ୍ତେ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବା ପାଇଁ କୃଷକମାନଙ୍କୁ ଉତ୍ସାହିତ କରିବାକୁ ପ୍ରୟାସ କରିଥିଲେ । ଭାରତର ଖାଦ୍ୟ ଉତ୍ପାଦନକୁ ବୃଦ୍ଧି କରିବାର ଆବଶ୍ୟକତାକୁ ଦର୍ଶାଇ ଶାସ୍ତ୍ରୀଜୀ ୧୯୬୫ରେ ଭାରତରେ ସବୁଜ ବିପ୍ଳବକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ । ବିଶେଷ କରି ତାଙ୍କ ସମୟରେ ପଞ୍ଜାବ, ହରିୟାଣା ଏବଂ ଉତ୍ତରପ୍ରଦେଶରେ ଖାଦ୍ୟଶସ୍ୟ ଉତ୍ପାଦନରେ ବୃଦ୍ଧି ଘଟିଥିଲା । ସେ ଭଲ ଭାବେ ହୃଦୟଙ୍ଗମ କରିଥିଲେ ଯେ, ଦେଶର ସୁରକ୍ଷା ଏବଂ ଖାଦ୍ୟ ନିରାପତ୍ତା ଉଭୟ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ସେ ଥିଲେ ଏକ ବିରଳ ଅମ୍ଳାନ ବ୍ୟକ୍ତି । ଭାରତର ରାଜନୈତିକ କ୍ଷେତ୍ରରେ ଜଣେ ଉଜ୍ଜ୍ୱଳ ନକ୍ଷତ୍ର । ଦେଶର ଘଡିସନ୍ଧି ମୁହୂର୍ତ୍ତରେ ଶାସନର ମଙ୍ଗ ସମ୍ଭାଳି ଦେଶକୁ ବିଜୟ ଧାରାରେ ଯେଭଳି ପ୍ରବାହିତ କଲେ ତାହା ବାସ୍ତାବିକ ଅନବଦ୍ୟ ଓ ଅବିସ୍ମରଣୀୟ । ଗାନ୍ଧିଜୀ ଶାସ୍ତ୍ରୀଜୀ ପରସ୍ପର ଥିଲେ ପରିପୂରକ । ଗାନ୍ଧି ପଥ ହେଲେ ଶାସ୍ତ୍ରୀ ପଥିକ । ଦେଶରେ ଶାନ୍ତି ବଜାୟ ରଖିବାକୁ ହେଲେ ଗାନ୍ଧିଜୀଙ୍କର ସେହି ସତ୍ୟ ଓ ଅହିଂସା ଏବଂ ଶାସ୍ତ୍ରୀଜୀଙ୍କ ସେବା ଓ ଶାନ୍ତିର ନୀତିକୁ ଅପଣାଇବାକୁ ପଡିବ । ଗାନ୍ଧିଜୀଙ୍କ ଜୀବନ ଏବଂ ଆଦର୍ଶ ଆମର ଉତ୍ତର ପିଢିକୁ କର୍ତ୍ତବ୍ୟ ପଥରେ ଚାଲିବା ପାଇଁ ଅନୁପ୍ରାଣିତ କରିବ । ସେହିପରି ସେବା, ଶାନ୍ତି ଓ ମୂଲ୍ୟବୋଧ ଉପରେ ଆଧାରିତ ଶାସ୍ତ୍ରୀଜୀଙ୍କ ଜୀବନ ଦେଶବାସୀଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ । ସମଗ୍ର ମାନବ ଜାତି ଯଦି ଅହିଂସା ନୀତିକୁ ଆପଣାଇବାସହ ସେବା ଓ ତ୍ୟାଗର ପଥକୁ ଅନୁସରଣ କରିବେ ତେବେ ତାହାହିଁ ହେବ ଜାତିର ପିତା ମହାତ୍ମା ଗାନ୍ଧି ଓ ଶାନ୍ତିର ଦୂତ ଲାଲ ବାହାଦୂର ଶାସ୍ତ୍ରୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ।

ମହାଳୟା -ପିତୃପକ୍ଷ - ଶ୍ରାଦ୍ଧ

ସାଇପ୍ରସାଦ ସାହୁ
ଗବେଷକ ଓ ସ୍ତମ୍ଭକାର,
ସିଦ୍ଧେକେଲା, ବଲାଙ୍ଗୀର
ମୋ-୯୯୩୭୦୩୪୭୪୨

ହିନ୍ଦୁ ପରମ୍ପରାରେ ପିତୃପୁରୁଷଙ୍କ ସନ୍ତୁଷ୍ଟି ପାଇଁ ଏକାଧିକ ଶ୍ରାଦ୍ଧ କର୍ମ କରାଯାଏ । ସେ ସବୁ ମଧ୍ୟରେ ମହାଳୟା ଶ୍ରାଦ୍ଧ ଶ୍ରେଷ୍ଠ । ପିତୃଗଣଙ୍କ ଉଦ୍ଦେଶ୍ୟରେ ଦାନ ଓ ଉତ୍ସର୍ଗ ଆଦି ପାଳନ କରାଯାଉଥିବାରୁ ଏହାକୁ ପିତୃପର୍ବ କୁହାଯାଏ । ମହାଳୟା ଅମାବାସ୍ୟାରେ ଅନୁଷ୍ଠିତ ଏହି ଶ୍ରାଦ୍ଧକୁ ''ମହାଳୟା ଶ୍ରାଦ୍ଧ '', ''ସାମ୍ବତ୍ସରିକ ଶ୍ରାଦ୍ଧ '' ବା ''ପାର୍ବଣ ଶ୍ରାଦ୍ଧ '' ବା ''ମଉଳା ଶ୍ରାଦ୍ଧ '' କୁହାଯାଏ । ଏହି ପକ୍ଷର ଅମାବାସ୍ୟା 'ମହାଳୟା ଅମାବାସ୍ୟା ' ନାମରେ ପାଳିତ । ପିତୃଗଣଙ୍କ ଉଦ୍ଦେଶ୍ୟରେ ଦାନ ଓ ଉତ୍ସର୍ଗ ଆଦି ପାଳନ କରାଯାଉଥିବାରୁ ଏହା 'ପିତୃପର୍ବ' ନାମରେ ମଧ୍ୟ ପ୍ରଚଳିତ । ଆଶ୍ୱିନ ମାସ କୃଷ୍ଣ ପକ୍ଷ ପ୍ରତିପଦାଠାରୁ ଅମାବସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନକୁ 'ପିତୃପକ୍ଷ' ବା 'ଅପର ପକ୍ଷ' କୁହାଯାଇଥାଏ । ଏହି ସମୟ ପିତୃ ଉପାସନାର ପ୍ରକୃଷ୍ଟ ସମୟ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ବିଶ୍ୱାସ ରହିଛି ଯେ, ପିତୃ ଲୋକମାନେ କୁଟୁମ୍ବ ମାନଙ୍କଠାରୁ ପାଣି ଓ ଖାଦ୍ୟ ଗ୍ରହଣ କରିବା ପାଇଁ ଏହି ସମୟରେ ମର୍ତ୍ତ୍ୟଲୋକକୁ ଆଗମନ କରନ୍ତି । ଏବଂ ସେମାନଙ୍କର ବାସସ୍ଥାନକୁ ଆସି ପୁତ୍ର ପୌତ୍ରାଦିଙ୍କୁ ଦେଖି ଉଲ୍ଲସିତ ହେବା ସହ ଆଶୀର୍ବାଦ ଦେଇଥାନ୍ତି । ଏହା ବ୍ୟତୀତ ଉତ୍ତରୋତ୍ତର ଉନ୍ନତି କାମନା ମଧ୍ୟ କରିଥାନ୍ତି । ଦୀପଦାନ ଶ୍ରାଦ୍ଧ (କାର୍ତ୍ତିକ ଅମାବାସ୍ୟା ବା ଦୀପାବଳି ଅମାବାସ୍ୟା) ପର୍ଯ୍ୟନ୍ତ ଅବସ୍ଥାନ କରି ଫେରିଯାଆନ୍ତି । ତିଳ ଓ ଜଳଦ୍ୱାରା କିମ୍ବା କେବଳ ଜଳଦ୍ୱାରା ପିତୃ ଲୋକମାନଙ୍କର ତୃପ୍ତି ବିଧାନ କରାଯାଏ । ମନ୍ତ୍ରବଳରେ ଜଳର ଓ ଅନ୍ୟ ଦ୍ରବ୍ୟର ପରିମାଣ ପିତୃମାନେ ଯେଉଁ ଅବସ୍ଥାରେ ଥିଲେ ମଧ୍ୟ ତାଙ୍କୁ ପ୍ରାପ୍ତି ହୋଇଥାଏ । ଶରୀର ନାଶ ହେଲେ ମଧ୍ୟ ଆତ୍ମା ଅବିନାଶୀ ; ସେ ଯେକୌଣସି ଶରୀରର ଆଶ୍ରୟ ନିଏ । ରାଶି ଓ କୁଶ ଏକତ୍ର କରି ତର୍ପଣ କଲେ, ତାହା ଅମୃତ ତୁଲ୍ୟ ହୋଇ ପିତୃମାନଙ୍କୁ ପ୍ରାପ୍ତି ହୁଏ ଓ ତିଳ ମିଶ୍ରିତ କରି ଯିଏ ତିନି ଥର ଜଳାଞ୍ଜଳି ଅର୍ପଣ କରନ୍ତି ତାଙ୍କର କୃତ ପାପ ନାଶ ହୋଇଥାଏ ।

ପର୍ବ ସାଧାରଣତଃ ଦୁଇ ପ୍ରକାରର ; ପିତୃ ପର୍ବ ଓ ଦେବ ପର୍ବ । ଦେବାଦେବୀଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ପର୍ବ ଦେବପର୍ବ ହୋଇଥିବାସ୍ଥଳେ ପିତୃଗଣଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଦାନ, ଉତ୍ସର୍ଗ ଏବଂ ଶ୍ରାଦ୍ଧକୁ ପିତୃ ପର୍ବ ରୂପେ ଗ୍ରହଣ କରାଯାଇଛି । ଶ୍ରାଦ୍ଧ ଶବ୍ଦଟି ଶ୍ରଦ୍ଧାରୁ ହିଁ ଉତ୍ପତ୍ତି । ଏହାର ଅର୍ଥ ଶ୍ରେୟକୁ ଧାରଣ କରିବା । (ଶ୍ରୀ + ଅତ୍ = ଶ୍ରତ୍ , ଶ୍ରତ୍ + ଧା = ଶ୍ରଦ୍ଧା , ଶ୍ରଦ୍ଧା + ଅ = ଶ୍ରାଦ୍ଧ) । ଏହି ଶ୍ରଦ୍ଧା ଓ ବିଶ୍ୱାସ ପ୍ରକୃତି, ପରିବେଶ ଓ ପର୍ଯ୍ୟାବରଣ କାହାପ୍ରତି ମଧ୍ୟ ପ୍ରଯୁଜ୍ୟ ହୋଇପାରେ । ଏହା ଶ୍ରଦ୍ଧାର ବୃହତ୍ତର ଦର୍ଶନ ।

ହିନ୍ଦୁ ଧର୍ମୀୟ ପରମ୍ପରାରେ ଏହା ଏକ ସର୍ବମାନ୍ୟ ଧାର୍ମିକ ରୀତି । କହିବା ବାହୁଲ୍ୟ ଯେ ପରଲୋକଗତ ପିତୃପୁରୁଷଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧାର ପ୍ରତୀକ ମହାଳୟା ଶ୍ରାଦ୍ଧ । ତାଙ୍କର ଶାନ୍ତି ପାଇଁ ଶ୍ରାଦ୍ଧ ଓ ତର୍ପଣ କରାଯାଏ । ମହଳୟା ଶ୍ରାଦ୍ଧର ତର୍ପଣରେ ବ୍ରହ୍ମା, ବିଷ୍ଣୁ, ରୁଦ୍ର,

ପ୍ରଜାପତି, ଅଚାର୍ଯ୍ୟ, ବେଦ, ଛନ୍ଦ, ଗନ୍ଧର୍ବଗଣ, ଦେବଗଣ, ପୁରୁଣାଚାର୍ଯ୍ୟ, ସମ୍ବତ୍ସର, ଶାବୟବ, ନାଗଗଣ, ଯକ୍ଷ, ଭକ୍ଷ, ପିଶାଚ, ବନସ୍ପତି, ଔଷଧ, ଭୂତଗ୍ରାମ, ଚତୁଷ୍ଟୟ ଏବଂ ପୃଥିବୀ ଇତ୍ୟାଦି କୋଡ଼ିଏ ଦେବଗଣଙ୍କୁ ଗୋଟିଏ ଥର ତର୍ପଣ; ସନତ, ସନନ୍ଦ, ସନତନ, କପିଳ, ଆସୁରୀ, ଡୋବୁ ଏବଂ ପଞ୍ଚଶିଖ ଇତ୍ୟାଦି ସାତ ଋଷିଙ୍କୁ ଦୁଇ ଥର ତର୍ପଣ ଏବଂ ପିତୃପୁରୁଷଗଣଙ୍କୁ ତିନିଥର ତର୍ପଣରେ ଆପ୍ୟାୟିତ କରାଯାଏ । ଏଭଳି ଦେଖିଲେ ହିନ୍ଦୁଧର୍ମ, ସଂସ୍କୃତିରେ ପିତୃପକ୍ଷ, ବିଶେଷ କରି ମହାଳୟା ତିଥି ହେଉଛି ପୂର୍ବପୁରୁଷଙ୍କ ସ୍ମରଣର ଦିନ । ଶ୍ରଦ୍ଧା, ଭକ୍ତି ଓ ନିଷ୍ଠାର ସହ ପିତୃ ଲୋକ ନିବାସୀଙ୍କ ତୃପ୍ତି ନିମନ୍ତେ ଶ୍ରାଦ୍ଧ ଓ ତର୍ପଣାଦି କର୍ମ ସମ୍ପାଦନ କଲେ ସେମାନେ ଆତ୍ମସନ୍ତୋଷ ଲାଭ କରି ପୁତ୍ର ପୌତ୍ରାଦିଙ୍କୁ ଆଶୀର୍ବାଦ ପୂର୍ବକ ପିତୃଲ

29 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୦୨ ଅକ୍ଟୋବର ୨୦୨୪ ବୁଧବାର

ଆଭା

ନବରାତ୍ରର କିଛି ବିଶେଷତ୍ୱ

ମା'ଙ୍କ ମୂର୍ତ୍ତି ତିଆରିରେ ଲାଗେ ବେଶ୍ୟାଳୟର ମାଟି

ସମାଜରେ ଆଜି ବି ବେଶ୍ୟା କୁ ଘୃଣ୍ୟ ଦୃଷ୍ଟିରେ ଦେଖାଯାଉଛି । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ଯାହାକୁ ଆମ ସମାଜ ଘୃଣ୍ୟ ଦୃଷ୍ଟିରେ ଦେଖୁଛି । ସେହି ବେଶ୍ୟାଳୟର ମାଟି, ମା' ଦୁର୍ଗାଙ୍କ ମୂର୍ତ୍ତି ତିଆରି ପାଇଁ ଲାଗି କରାଯାଇଥାଏ । ମାତ୍ର ଆପଣଙ୍କ ମନରେ ଏନେଇ ନିଶ୍ଚୟେ ପ୍ରଶ୍ନ ଉଠୁଥିବ କି ମା'ଙ୍କ ମୂର୍ତ୍ତି ପାଇଁ କାହିଁକି ବେଶ୍ୟାଳୟ ମାଟି ବ୍ୟବହାର କରାଯାଏ । ତେବେ ଆଜି ଆମେ ଆପଣଙ୍କୁ ଏହାର କିଛି ପୌରାଣିକ ମହତ୍ତ୍ୱ ବିଷୟରେ କହିବାକୁ ଯାଉଛୁ । ପାରମ୍ପରିକ ମାନ୍ୟତା ଅନୁଯାୟୀ, ଗୋମୂତ୍ର, ଗୋବର, କାଠି, ସିନ୍ଦୁର, ପବିତ୍ର ନଦୀର ମାଟି, ବନସ୍ପତି ଏବଂ ଜଳ ସହିତ ନିଷିଧ ପାଲିର ମାଟିରେ ମାତାଙ୍କ ମୂର୍ତ୍ତି ତିଆରି ସର୍ବଶ୍ରେଷ୍ଠ ହୋଇଥାଏ । ବେଶ୍ୟାଙ୍କ ଆଖ ପାଖ ଅଞ୍ଚଳକୁ ନିଷିଧ ପାଲି ବୋଲି କୁହାଯାଇଥାଏ । ଯେଉଁଠିକୁ ଯିବା ନିଷେଧ ମୂର୍ତ୍ତି ତିଆରିରେ ବେଶ୍ୟାଳୟ ମାଟି ମିଶିଲେ ତାହା ପୂର୍ଣ୍ଣ ହୋଇଥାଏ ବୋଲି ମାନ୍ୟତା ରହିଛି । ଏହି ପରମ୍ପରା ବହୁ ପୁରାତନ କାଳରୁ ପ୍ରଚଳିତ ହୋଇ ଆସୁଛି । ଲୋକକଥା ଅନୁଯାୟୀ,ପ୍ରାଚୀନ କାଳରେ ମା'ଦୁର୍ଗାଙ୍କର ଜଣେ ବେଶ୍ୟା ଭକ୍ତ ଥିଲେ । ତାକୁ ତିରସ୍କାରରୁ ରକ୍ଷା କରିବା ପାଇଁ ମା'ସ୍ୱୟଂ ତା'ର ଅଗଣା ମାଟିରୁ ନିଜ ମୂର୍ତ୍ତି ସ୍ଥାପିତ କରିବା ପରମ୍ପରା ଆରମ୍ଭ କରିଥିଲେ । ସେହିପରି ଅନ୍ୟ ଏକ ମାନ୍ୟତା ଅନୁଯାୟୀ, ଯେବେ ବି କୌଣସି ବ୍ୟକ୍ତି ବେଶ୍ୟାଳୟକୁ ଯାଇଥାନ୍ତି, ସେଠାରେ ସେ ତାଙ୍କର ସମସ୍ତ ପବିତ୍ରତା, ମାନସମ୍ମାନ, ପୁଣ୍ୟ ଆଦିକୁ କାଢି ଫିଙ୍ଗି ଦେଇଥାନ୍ତି । ଭିତରେ ସେ କେବଳ ପୁରୁଷ ହିଁ ରହିଯାଇଥାନ୍ତି । ସେଥିପାଇଁ ମା'ଙ୍କ ମୂର୍ତ୍ତି ତିଆରିରେ ବେଶ୍ୟାଳୟା ମାଟି ଶୁଭ ହୋଇଥାଏ । କାରଣ ସେମାନେ ସାରା ଦୁନିଆର ପୁରୁଷଙ୍କ ପବିତ୍ରତାକୁ ନିଜ ଦେହକୁ ନେଇ ଥାନ୍ତି । ଆହୁରି ମଧ୍ୟ କେହି କେହି ମତ ଦିଅନ୍ତି କି ବେଶ୍ୟାବୃତ୍ତି ସବୁଠାରୁ ବଡ ଅପରାଧ । ତେଣୁ ଏମାନଙ୍କୁ ମନ୍ତ୍ର ଉଚ୍ଚାରଣ ମାଧ୍ୟମରେ ମୋକ୍ଷ ପ୍ରାପ୍ତି କରିବାକୁ ବେଶ୍ୟାଳୟର ମାଟିକୁ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣରେ ବ୍ୟବହାର କରାଯାଇଥାଏ ।

ନବରାତ୍ରୀ ସମୟରେ ଖାଦ୍ୟ ପ୍ରସ୍ତୁତରେ ଦେଶୀ ଘିଅ ମିଶ୍ରଣ କରିବା ଲାଭ ଦାୟକ ହୋଇଥାଏ

ଶାରଦୀୟ ଋତୁରେ ନଅ ରାତି ଧରି ପାଳନ ହେଉଥିବା ନବରାତ୍ରି ହିନ୍ଦୁ ସଂସ୍କୃତିରେ ବହୁତ ଗୁରୁତ୍ୱପୂର୍ଣ୍ଣ । ଏବର୍ଷ ନବରାତ୍ରୀ ପାଖେଇ ଆସିଲାଣି । ଆପଣ କେଉଁଦିନ ଠାରୁ ନବରାତ୍ରୀ ଆରମ୍ଭ କରୁଛନ୍ତି ? ତେବେ ଆମେ ଆପଣଙ୍କୁ କହିରଖୁଛୁ ଯେ ନବରାତ୍ରୀ ସମୟରେ ଭକ୍ତମାନେ ଦୁର୍ଗାଙ୍କ ଆଶୀର୍ବାଦ ପାଇବାକୁ ଉପବାସ କରନ୍ତି । ନବରାତ୍ରୀ ସମୟରେ ଉପବାସ ପରେ ଯେଉଁ ଖାଦ୍ୟ ପ୍ରସ୍ତୁତ କରାଯାଏ ସେଥିରେ ଦେଶୀ ଘିଅ ମିଶ୍ରଣ କରିବାକୁ ଆଦୌ ଭୁଲନ୍ତୁ ନାହିଁ । ନବରାତ୍ରୀ ଉପବାସ ସମୟରେ ଦେଶୀ ଘିଅ ଖାଇବା କେବଳ ଏକ ପରମ୍ପରା ନୁହେଁ, ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅନେକ ଉପାୟରେ ଲାଭଦାୟକ ଅଟେ । ଘିଅ ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଏହା ଶହ ଶହ ବର୍ଷ ଧରି ବ୍ୟବହୃତ ହୋଇଆସୁଛି । ଦେଶୀ ଘିଅକୁ ପସନ୍ଦ କରାଯିବାର ଗୋଟିଏ କାରଣ ହେଉଛି ଏଥିରେ ବହୁତ ଅଧିକ ଶକ୍ତି ଥାଏ । ଯାହାକି ଶରୀର କ୍ଳାନ୍ତ ଥିଲେ ତାହାକୁ ଦୂର କରି ଦେଇଥାଏ ।

ନବରାତ୍ରରେ କେଉଁଦିନ ସ୍ଥାପନା ହେବ କଳଶ?

ହିନ୍ଦୁ ପର୍ବ ପର୍ବଣୀରେ ନବରାତ୍ରକୁ ସାରା ଦେଶରେ ଧୂମଧାମରେ ପାଳନ କରାଯାଏ । ଏହି ସମୟରେ ୯ ଦିନ କାଳ ଲୋକେ ଘରେ ଦୂର୍ଗାଙ୍କ ୯ ରୂପକୁ ପୂର୍ଣ୍ଣ ବିଧିବିଧାନ ସହ ପୂଜା କରିଥାନ୍ତି । ମାନ୍ୟତା ରହିଛି ମା'ଦୁର୍ଗା ନବରାତ୍ର କାଳରେ ପୃଥିବୀ ଲୋକକୁ ଆସନ୍ତି ଓ ଘରେ ଘରେ ରୁହନ୍ତି । ଏହି ସମୟରେ ସୂଚିମନ୍ତ ପୂଜାର୍ଚ୍ଚନା କଲେ ମା' ଦୁର୍ଗା ସନ୍ତୁଷ୍ଟ ହୁଅନ୍ତି ଓ ଭକ୍ତଙ୍କ ସବୁ କଷ୍ଟ ନିବାରଣ କରନ୍ତି ବୋଲି ଲୋକଙ୍କ ବିଶ୍ୱାସ ରହିଛି । ନବରାତ୍ରକାଳରେ କଳଶ ସ୍ଥାପନା ବିଶେଷ ଗୁରୁତ୍ୱ ରହିଛି । ଘରେ ବିଧିବିଧାନ ପୂର୍ବକ ନବରାତ୍ର କଳଶ ସ୍ଥାପନା କଲେ ନକରାତ୍ମକ ଉର୍ଜା ଅପସରିଯିବା ସହ ସକରାତ୍ମକ ଉର୍ଜାର ପ୍ରବାହ ହୋଇଥାଏ ବୋଲି କୁହାଯାଏ । କଳଶ ବା ଘଟ ସ୍ଥାପନା ନବରାତ୍ର ପ୍ରଥମ ଦିନ ହିଁ କରାଯାଏ । ଏଣୁ ନକରାତ୍ମକ ଉର୍ଜାକୁ ଦୂରେଇ ରଖିବା ପାଇଁ ଉପଯୁକ୍ତ ବିଧିବିଧାନ ଓ ମୁହୂର୍ତ୍ତରେ କଳଶ ସ୍ଥାପନା କରିବାର ପ୍ରଥା ରହିଛି । ଶାରଦୀୟ ନବରାତ୍ର ପ୍ରତିବର୍ଷ ଆଶ୍ୱିନମାସ ଶୁକ୍ଳ ପ୍ରତିପଦାରୁ ଆରମ୍ଭ ହୋଇଥାଏ । ଉଦୟ ତିଥି ଅନୁସାରେ ଚଳିତବର୍ଷ ନବରାତ୍ର ଠାରୁ ଆରମ୍ଭ ହେବ ଓ କଳଶ ସ୍ଥାପନା ମଧ୍ୟ ଏହି ଦିନ ହେବ । ଏଥି ପାଇଁ ନବରାତ୍ର ପ୍ରଥମ ଦିନ ପ୍ରତ୍ୟୁଷରୁ ବିଛଣା ତ୍ୟାଗ କରିବା ପରେ ସ୍ନାନ ଶୌଚ ଶେଷ କରି ହଳଦିଆ ବସ୍ତ୍ର ପରିଧାନ କରନ୍ତୁ । ଏହା ପରେ ନବରାତ୍ର କଳଶ ସ୍ଥାପନା ନିମନ୍ତେ ଆୟୋଜନ କରନ୍ତୁ । କଳଶ ସ୍ଥାପନା ନିମନ୍ତେ ମା'ଙ୍କ ନିମନ୍ତେ ଏକ ଚୌକିର ବ୍ୟବସ୍ଥା କରନ୍ତୁ । ଏହା ଉପରେ ନାଲି ରଙ୍ଗର ବସ୍ତ୍ର ପାରି ମା'ଦୁର୍ଗାଙ୍କ ଫଟୋ ସ୍ଥାପନା କରନ୍ତୁ । କଳଶ ସ୍ଥାପନା ନିମନ୍ତେ ତମ୍ବା ଅଥବା ମାଟିର ପାତ୍ରରେ ସ୍ୱଚ୍ଛ ଜଳ ଭରନ୍ତୁ । ଏହି କଳଶରେ ଏକ ମୁଦ୍ରା, ଗୁଆ ଓ ଲବଙ୍ଗ ପକାନ୍ତୁ । ଏହା ପରେ ଏକ ନଡିଆକୁ ନାଲି ଓଡ଼ଣୀ ଓ ସୂତା ବାନ୍ଧି କଳଶ ଉପରେ ରଖନ୍ତୁ । ଏହା ପରେ ଏକ ମାଟିର ପାତ୍ର ନିଅନ୍ତୁ । ଏଥିରେ ମାଟି ପକାଇ ଜବ ବୁଣି ଦିଅନ୍ତୁ । ଏହି ସବୁ କାମ ସାରିବା ପରେ ମାଟିପାତ୍ରରେ ଜବ ଓ କଳଶକୁ ମା'ଦୁର୍ଗାଙ୍କ ଡାହାଣପଟେ ସ୍ଥାପନା କରି ଦିଅନ୍ତୁ ଓ ବିଧିବିଧାନ ସହ ମା'ଦୁର୍ଗାଙ୍କ ପୂଜାର୍ଚ୍ଚନା କରନ୍ତୁ । ନବରାତ୍ର ପ୍ରଥମ ଦିନକୁ ମା' ଶୈଳପୁତ୍ରୀଙ୍କ ସ୍ୱରୂପରେ ପୂଜା କରାଯାଏ ।

ନବରାତ୍ରୀରେ ଏହି ୬ଟି ଜିନିଷ ଘରେ ରଖିବା ହୋଇଥାଏ ଅଶୁଭ

ମା'ଦୁର୍ଗାଙ୍କ ଆଗମନ ପାଇଁ ଆଉ କିଛି ଦିନ ବାକି ଅଛି । ଯେଉଁଥିରେ ୯ ଦିନ ମାତା ଦେବୀଙ୍କୁ ପୂଜା କରାଯିବ । ପ୍ରଥମ ଦିନ କଳସ ସ୍ଥାପନ ସହିତ ଆରମ୍ଭ ହେବ । ନବରାତ୍ରୀ ସମୟରେ କଳସ ସ୍ଥାପନ କରିବାର ବିଶେଷ ମହତ୍ତ୍ୱ ରହିଛି । ବିଶ୍ୱାସ କରାଯାଏ ଯେ ନବରାତ୍ରୀଙ୍କ ପ୍ରଥମ ଦିନରେ ରୀତିନୀତି ଅନୁଯାୟୀ କଳସ ସ୍ଥାପନ କରି ମାତାଙ୍କୁ ପୂଜା କରିବା ଦ୍ୱାରା ବିଶେଷ ଆଶୀର୍ବାଦ ମିଳିଥାଏ ଏବଂ ମା'ଙ୍କ କୃପା ପରିବାର ସହିତ ରହିଥାଏ । ଧାର୍ମିକ ମାନ୍ୟତା ଅନୁଯାୟୀ, ନବରାତ୍ରୀ ସମୟରେ ମା'ଧରାପୃଷ୍ଠକୁ ଆସି ପ୍ରତ୍ୟେକ ଘରେ ରୁହନ୍ତି । ଏହି ସମୟ ମଧ୍ୟରେ ସ୍ୱଚ୍ଛତା ଉପରେ ବିଶେଷ ଧ୍ୟାନ ଦେବା ଉଚିତ । ମା'ଙ୍କୁ ସ୍ୱାଗତ କରିବା ପାଇଁ ଘରେ ସକରାତ୍ମକ ଶକ୍ତି ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଭଳି ପରିସ୍ଥିତିରେ ଘରେ ଅନେକ ଜିନିଷ ଅଛି ଯାହାକୁ ନବରାତ୍ରୀ ପୂର୍ବରୁ ହଟାଇବା ଉଚିତ । ସେହି ଜିନିଷଗୁଡ଼ିକ କ'ଣ ଆସନ୍ତୁ ଜାଣିବା । ନବରାତ୍ରୀ ସମୟରେ ଜଣେ ତାମସିକ ଜିନିଷଠାରୁ ଦୂରରେ ରୁହନ୍ତି । ଅନେକ ଲୋକ ଏହି ସମୟ ମଧ୍ୟରେ ୯ ଦିନ ପାଇଁ ଉପବାସ ମଧ୍ୟ ରଖନ୍ତି । ଏଭଳି ପରିସ୍ଥିତିରେ ନବରାତ୍ରୀ ଆରମ୍ଭ ପୂର୍ବରୁ ଅଣ୍ଡା, ମାଂସ, ମଦ, ପିଆଜ, ରସୁଣ ଭଳି ସମସ୍ତ ଜିନିଷ ଘରୁ ବାହାର କରନ୍ତୁ । ଘରେ ଭଙ୍ଗା ମୂର୍ତ୍ତି ରଖିବା ଶୁଭ ବୋଲି ଧରାଯାଏ ନାହିଁ । ଏପରି ପରିସ୍ଥିତିରେ, ଯଦି ଆପଣଙ୍କ ଘରେ କୌଣସି ଭଙ୍ଗା ପ୍ରତିମା କିମ୍ବା ଫଟୋ ଅଛି, ତେବେ ଏହାକୁ ନବରାତ୍ରୀ ପୂର୍ବରୁ ବାହାର କରନ୍ତୁ । ଘରେ ବନ୍ଦ ଘଣ୍ଟା ରହିବା ଶୁଭ ଧରାଯାଏ ନାହିଁ । କୁହାଯାଏ ଯେ ଏହା କ୍ୟାରିୟର ବନାଇବାରେ ବାଧା ସୃଷ୍ଟି କରେ । ଏପରି ପରିସ୍ଥିତିରେ ନବରାତ୍ରୀଙ୍କ ଆଗରେ ଘରେ ଥିବା କୌଣସି ଖରାପ ଘଣ୍ଟାକୁ ତୁରନ୍ତ ହଟାନ୍ତୁ । ଭଙ୍ଗା ବାସନ, ଛିଣ୍ଡିଯାଇଥିବା ପୁରୁଣା ଜୋତା ଏବଂ ଚପଲ ମଧ୍ୟ ଘରେ ନକାରାତ୍ମକ ଶକ୍ତି ଆଣିଥାଏ । ତେଣୁ ମା'ଦୁର୍ଗାଙ୍କୁ ସ୍ୱାଗତ କରିବା ପୂର୍ବରୁ ତୁରନ୍ତ ଏହି ଜିନିଷଗୁଡ଼ିକୁ ହଟାନ୍ତୁ । ଯଦି ଆପଣ ନିଜ ରୋଷେଇ ଘରେ ଖରାପ ଆଚାର ବା ଏହିପରି କିଛି ଜିନିଷ ରହିଛି, ତେବେ ତୁରନ୍ତ ତାହାକୁ ଘରୁ ବାହାରକୁ ଫିଙ୍ଗିଦିଅ । ନବରାତ୍ରିର ନଅ ଦିନ ସଫା ଉପରେ ଗୁରୁତ୍ୱ ଦିଅନ୍ତୁ । ମା'କେବଳ ସେହି ଘରେ ରୁହନ୍ତି, ଯେଉଁ ସ୍ଥାନ ସଫାସୁତୁରା ରହିଥାଏ ।

ପ୍ରତି ୬ ଦମ୍ପତିରେ ଜଣେ ବନ୍ଧ୍ୟାତ୍ୱର ଶିକାର

ପ୍ରତି ୬ ଦମ୍ପତିଙ୍କ ମଧ୍ୟରୁ ଜଣେ ବନ୍ଧ୍ୟାତ୍ୱରେ ପ୍ରଭାବିତ । ଭାରତରେ ପ୍ରାୟ ୩ କୋଟି ଦମ୍ପତି ଏଥିରେ ପ୍ରଭାବିତ । ଦୁର୍ଭାଗ୍ୟ ଯେ ସଚେତନତା, ପହଞ୍ଚ୍ ଏବଂ ସୁଲଭ ଚିକିତ୍ସାର ଅଭାବ କାରଣରୁ ଏଭଳି ଦମ୍ପତିଙ୍କ ମଧ୍ୟରୁ କେବଳ ୧%ରୁ କମ୍ ଦମ୍ପତି ଡାକ୍ତରୀ ପରାମର୍ଶ କରାଇଥାନ୍ତି । ଏହି ସମସ୍ୟାର ମୁକାବିଲା ପାଇଁ କିଛି ପ୍ରମୁଖ ଦିଗଗୁଡ଼ିକ ଉପରେ ଆଲୋକପାତ କରି ବିର୍ଲା ଫର୍ଟିଲିଟି ଆଣ୍ଡ ଆଇଭିଏଫର ମୁଖ୍ୟ ବ୍ୟବସାୟ ଅଧିକାରୀ ଅଭିଷେକ ଅଗ୍ରୱାଲ କହିଛନ୍ତି ଯେ, ଉପଲବ୍ଧତା ଓ ସୁଲଭତା, ବନ୍ଧ୍ୟାତ୍ୱର ମୁକାବିଲା ପାଇଁ ପ୍ରମୁଖ ଅଟେ । ସହରାଞ୍ଚଳ ହେଉ କିମ୍ବା ଗ୍ରାମାଞ୍ଚଳ, ଏହି ସମସ୍ୟା ସର୍ବବ୍ୟାପୀ ରହିଛି । ମାତ୍ର ଛୋଟ ସହରଗୁଡିକରେ ବିଶ୍ୱସନୀୟ ଓ ନିର୍ଭରଯୋଗ୍ୟ ଚିକିତ୍ସା ବିକଳ୍ପର ଅଭାବ ହେତୁ ଲୋକଙ୍କୁ ସହରକୁ ଯିବାକୁ ପଡ଼ିଥାଏ । ସେଠାରେ ୨୦ରୁ ୩୦ ଦିନ ପାଇଁ ରହିବାକୁ ପଡ଼ିଥାଏ, ଯାହାକି ଅନେକ ଲୋକଙ୍କ ପାଇଁ ସମ୍ଭବ ହୋଇ ନଥାଏ । ତେଣୁ ଚିକିତ୍ସାକୁ ଲୋକଙ୍କ ନିକଟତର କରିବା ଏକମାତ୍ର ଉପାୟ ଅଟେ । ଏହାଛଡା ଟେଲିମେଡିସିନ୍‌ର ପ୍ରବେଶ ରୋଗୀଙ୍କ ଯାତ୍ରାକୁ ହ୍ରାସ କରିବାରେ ସାହାଯ୍ୟ କରିବ । ଶ୍ରୀ ଅଗ୍ରାଲ କହିଛନ୍ତି ଯେ, ମୂଲ୍ୟରେ ସ୍ୱଚ୍ଛତା ଅଭାବ କାରଣରୁ ଅନେକ ରୋଗୀ ଚିକିତ୍ସାର ସମ୍ପୂର୍ଣ୍ଣ ଅବଧିରେ ମୋଟ କେତେ ଟଙ୍କା ଖର୍ଚ୍ଚ ହେବ ତାହା ଜାଣିପାରି ନଥାନ୍ତି । ଆଇଭିଏଫ ଚିକିତ୍ସାର ସୁଲଭତା କ୍ଷେତ୍ରରେ ଏହି ଅନ୍ତରକୁ ଦୂର କରିବା ପାଇଁ ଏବଂ ଏହି ଚିକିତ୍ସାକୁ ସମାଜର ଏକ ବୃହତ ଅଂଶ ପାଇଁ ଉପଲବ୍ଧ କରିବାକୁ, ରୋଗୀଙ୍କ ପାଇଁ ଏକ ସ୍ୱଚ୍ଛ ଓ ସଠିକ ମୂଲ୍ୟ ପଦ୍ଧତି ସାହାଯ୍ୟ କରିପାରିବ । ବୀମା କମ୍ପାନିଗୁଡିକ ବୀମାରେ ପ୍ରଜନନ ସମସ୍ୟାକୁ କଭର କରିବା ପାଇଁ ବିଚାର କରିବା ମଧ୍ୟ ଉଚିତ । ବର୍ତ୍ତମାନ କିଛି ୟୁରୋପୀୟ ଦେଶଗୁଡିକରେ ସମସ୍ତ ନବଜାତ ଶିଶୁଙ୍କ ମଧ୍ୟରୁ ୫%ରୁ ଅଧିକଙ୍କ ଗର୍ଭଧାରଣ ଆଇଭିଏଫ ଦ୍ୱାରା ହୋଇଛି, ଯେଉଁଠାରେ ଆଇଭିଏଫ ଅଧିକ ସୁଲଭ କିମ୍ବା ବୀମା ଅନ୍ତର୍ଭୁକ୍ତ ଅଟେ । ଭାରତରେ ମଧ୍ୟ ଚିନ୍ତାଧାରାରେ ଏକ ପରିବର୍ତ୍ତନର ଆଶା କରାଯାଉଛି । କାରଣ ଅଧିକରୁ ଅଧିକ ଦମ୍ପତି ବନ୍ଧ୍ୟାତ୍ୱ ପାଇଁ ଏହି ସୁରକ୍ଷିତ ଓ ପ୍ରଭାବୀ ସମାଧାନକୁ ଆପଣେଇ ନେଉଛନ୍ତି । ଏଆଇ ମଧ୍ୟ ଧୀରେଧୀରେ ସର୍ବୋତ୍ତମ ଭ୍ରୂଣ ବଛିବାରେ ଏମ୍ବ୍ରୟୋଲୋଜିଷ୍ଟଙ୍କୁ ସହଯୋଗ କରିବାକୁ ସମର୍ଥନ ହାସଲ କରୁଛି । ଯାହା ସଫଳତାର ସମ୍ଭାବନାକୁ ବୃଦ୍ଧି କରିପାରିବ । ସେ ଆହୁରି କହିଛନ୍ତି ଯେ, ବନ୍ଧ୍ୟାତ୍ୱ କେବଳ ଧନୀ ଲୋକଙ୍କ ସମସ୍ୟା ନୁହେଁ ବରଂ ଏହା ସମାଜର ସମସ୍ତ ବର୍ଗର ଲୋକଙ୍କୁ ପ୍ରଭାବିତ କରୁଛି । ବିର୍ଲା ଫର୍ଟିଲିଟି ଆଣ୍ଡ ଆଇଭିଏଫ୍‌ରେ ଟିୟର ୧, ଟିୟର ୨ ଓ ଟିୟର ୩ ସହର ଏବଂ ସମସ୍ତ ସାମାଜିକ-ଅର୍ଥନୈତିକ ବର୍ଗ ସମେତ ଯେତେସମ୍ଭବ ସମାଜର ବିସ୍ତୃତ ବର୍ଗର ଲୋକଙ୍କୁ ବିଶ୍ୱସ୍ତରୀୟ ଚିକିତ୍ସା ପ୍ରଦାନ କରିବାକୁ ଚାହୁଁଛୁ । ବର୍ତ୍ତମାନର ବନ୍ଧ୍ୟାତ୍ୱ ଚିକିତ୍ସାର ନିମ୍ନ ଅନ୍ତର୍ଭୁକ୍ତୀକରଣ ସହିତ ଟିୟର ୨/୩ ଓ ଗ୍ରାମାଞ୍ଚଳ ଭାରତରେ ଏକ ବଡ଼ ସୁଯୋଗ ପରିଲକ୍ଷିତ କରୁଛୁ, ଯେଉଁଠାରେ ଉଚ୍ଚମାନର ପ୍ରଜନନ ଚିକିତ୍ସାର ଉପଲବ୍ଧତା ଓ ଏହାପାଇଁ ପହଞ୍ଚ ଖୁବ୍ ସୀମିତ ରହିଛି । ଏହି କାରଣରୁ ଭାରତର କ୍ଷୁଦ୍ର ସହରଗୁଡିକରେ ସମ୍ପ୍ରସାରଣକୁ ପରିଚାଳନା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଥିଲେ ।

ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ଫଳ



ପିଜୁଳି ଓ ସେଓ ଫଳ ଖାଇବାକୁ ସମସ୍ତେ ପସନ୍ଦ କରନ୍ତି । ଉଭୟ ଫଳ ବିଭିନ୍ନ ଭିଟାମିନରେ ଭରପୁର ଉଭୟ ଖାଇବାକୁ ମଧ୍ୟ ସ୍ୱାଦିଷ୍ଟ ଅଟେ । ଆସନ୍ତୁ ଜାଣିବା ସେଓ ଓ ପିଜୁଳିର ପୋଷକ ଗୁଣ କ'ଣ ଏବଂ ଉଭୟକୁ ତୁଳନା କଲେ କାହାକୁ ଖାଇଲେ ଭଲ ହେବ । **ସେଓର ପୋଷକ ତତ୍ତ୍ୱ:-** ସେଓ ଏକ ଅତ୍ୟନ୍ତ ପରିଚିତ ଫଳ । ଯଦିଓ ଏହା ଏକ ବିଦେଶୀ ଫଳ, ଆମ ମଧ୍ୟରୁ ଅନେକ ଏହାକୁ ନିୟମିତ ଖାଆନ୍ତି । ଲୋକମାନେ ବିଭିନ୍ନ କାରଣରୁ ସେଓକୁ ପସନ୍ଦ କରନ୍ତି । ଏହା ଅଧିକ ଉପଲବ୍ଧ, ସବୁ ଋତୁରେ ଉପଲବ୍ଧ ଏବଂ ଖାଇବାକୁ ସହଜ । ସେଓ ବିଦେଶୀ ଫଳ ହୋଇଥିଲେ ମଧ୍ୟ ବାଂଲାଦେଶରେ କେତେକ ସ୍ଥାନରେ ସେଓ ଅଳ୍ପ ମାତ୍ରାରେ ଚାଷ କରାଯାଉଛି । ସେଓରେ ପାଣିର ମାତ୍ରା ବହୁତ ଅଧିକ ଥାଏ । ୫୦ରୁ ୬୦ ପ୍ରତିଶତ ଫଳ ହେଉଛି ପାଣି । ଏଥିରେ ପ୍ରଚୁର ମାତ୍ରାରେ ଫାଇବର ରହିଥାଏ । ସେଓରେ ଭିଟାମିନ୍-ସି ରହିଥାଏ । ଏଥିରେ ଭିଟାମିନ୍-ବି କମ୍ପ୍ଲେକ୍ସ ମଧ୍ୟ ରହିଛି । ସବୁଜ ସେଓରେ ପ୍ରଚୁର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଯଦି କେହି ଦିନକୁ ଗୋଟିଏ ସେଓ ଖାଆନ୍ତି ତେବେ ଦେଖାଯାଏ ଯେ ଜଟିଳ କିମ୍ବା ବୟସ ଜନିତ ରୋଗ ବ୍ୟତୀତ ତାଙ୍କ ଶରୀର ପ୍ରାୟ ସବୁ ପ୍ରକାର ରୋଗରୁ ରକ୍ଷା କରିଥାଏ । ଅନ୍ୟାନ୍ୟ ଫଳ ତୁଳନାରେ ସେଓରେ କମ ପରିମାଣରେ କାର୍ବୋହାଇଡ୍ରେଟ୍, ଫ୍ୟାଟ ରହିଥାଏ । ସେଓରେ ଥିବା ଫାଇବର ଶରୀରରୁ ଖରାପ ଚର୍ବି ବାହାର କରିବାରେ ସାହାଯ୍ୟ କରିଥାଏ । ସେଓ ହୃଦ ରୋଗ, ଉଚ୍ଚ ରକ୍ତଚାପରୁ ରକ୍ଷା କରିଥାଏ । ସେଓରେ ଚିନିର ମାତ୍ରା କମ ଥାଏ । ତେଣୁ ଯେଉଁମାନଙ୍କର ମଧୁମେହ ଅଛି ସେମାନେ ଅନ୍ୟ ମିଠା ଫଳ ତୁଳନାରେ ସେଓ ଟିକେ ଅଧିକ ମାତ୍ରାରେ ଖାଇପାରିବେ । **ପିଜୁଳିର ପୋଷକ ତତ୍ତ୍ୱ:-** ପିଜୁଳିରେ ପ୍ରଚୁର ପରିମାଣରେ ପାଣି ଥାଏ, ଯାହା ସେଓ ଠାରୁ ଅଧିକ ହୋଇଥାଏ । ଏହାର ପ୍ରାୟ ୭୦ ପ୍ରତିଶତ ହେଉଛି ପାଣି । ଫାଇବରର ମାତ୍ରା ମଧ୍ୟ ବହୁତ ଅଧିକ ଥାଏ । ପିଜୁଳିରେ ପ୍ରଚୁର ମାତ୍ରାରେ ଭିଟାମିନ ସି ରହିଥାଏ । ଏଥିରେ ଭିଟାମିନ ବି କମ୍ପ୍ଲେକ୍ସ, ଭିଟାମିନ୍-ଏ, ଭିଟାମିନ୍-ଡି, ଭିଟାମିନ୍-ଇ, ଭିଟାମିନ୍-କେ କମ ମାତ୍ରାରେ ରହିଥାଏ । ପିଜୁଳିରେ ଚର୍ବି ନଥାଏ । ସେଓ ତୁଳନାରେ ପିଜୁଳି କମ ମିଠା, ଏଥିରେ ଚିନି କମ ଥାଏ । ଏହି କାରଣରୁ ମଧୁମେହ ରୋଗୀଙ୍କ ପାଇଁ ଏହା ବହୁତ ଭଲ । ସେଓ ଓ ପିଜୁଳିରେ ପାଣି, ଫାଇବର, ଭିଟାମିନର ମାତ୍ରା ପ୍ରାୟ ସମାନ । କିନ୍ତୁ ସେଓ ତୁଳନାରେ ପିଜୁଳିରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ ସି ଅଧିକ ଥାଏ । ସେଓ ତୁଳନାରେ ପିଜୁଳିରେ ଭିଟାମିନ ସି ଅନେକ ଗୁଣ ଅଧିକ ମିଳିଥାଏ । ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଭିଟାମିନ ସି ଅତ୍ୟନ୍ତ ଜରୁରୀ । ଏହିପରି ଭାବେ ସେଓ ତୁଳନାରେ ପିଜୁଳିର ପୋଷକ ତତ୍ତ୍ୱ ବହୁତ ଅଧିକ ବୋଲି ବିଶେଷଜ୍ଞ କହିଛନ୍ତି । ସେଓରେ ଏମିତି କିଛି ପୋଷକ ତତ୍ତ୍ୱ ରହିଛି ଯାହା ପିଜୁଳିରେ ନଥାଏ । ପୁନର୍ବାର ପିଜୁଳି ଟିକେ ଶକ୍ତ ହୋଇଥିବାରୁ ପ୍ରଚୁର ଶସ୍ୟ ରହିଛି । ତେଣୁ ଅନେକ ଲୋକ ଖାଇ ପାରନ୍ତି ନାହିଁ । ପିଲା ଓ ବୟସ୍କମାନେ ଅନେକ ସମୟରେ ଖାଇବାରେ କଷ୍ଟ ଅନୁଭବ କରିଥାନ୍ତି । ଅପରପକ୍ଷେ ସେଓ ସବୁ ବୟସର ଲୋକ ସହଜରେ ଖାଇପାରିବେ । ବିଦେଶୀ ଫଳ ପ୍ରତି ଆମର ବହୁତ ଆଗ୍ରହ ରହିଛି । କୁହାଯାଏ ଯେଉଁ ଦେଶରେ ପୋଷକ ତତ୍ତ୍ୱର ଚାହିଦା ଅଧିକ ଥାଏ, ସେଠାରେ ଏହା ଅଧିକ ହୋଇଥାଏ । ସେଥିପାଇଁ ଆମେ ସମସ୍ତେ ସେଓ ଅପେକ୍ଷା ପିଜୁଳିକୁ ଅଧିକ ଖାଇବା ଉଚିତ । ଆମ ଦେଶର ଫଳାଫଳକୁ ପ୍ରାଥମିକତା ଦେବା ଉଚିତ । ଏହା କେବଳ ଦେଶୀ ଫଳ ନୁହେଁ, ସେଓ ତୁଳନାରେ ଏହାର ପୋଷକ ତତ୍ତ୍ୱ ମଧ୍ୟ ବହୁତ ଅଧିକ । ସେଓ ତୁଳନାରେ ପିଜୁଳିରେ ଭିଟାମିନ୍-ସି ଅଧିକ ମିଳିଥାଏ ।

ଖାଇବା ଠାରୁ ଲଗାଇବା

30 YEARS
ସମୟ କଳିକା
ଭୁବନେଶ୍ୱର, ୦୨ ଅକ୍ଟୋବର, ବୁଧବାର, ୨୦୨୪
ପୃଷ୍ଠା – ୬

ସାକିବଙ୍କୁ ସ୍ୱତନ୍ତ୍ର ଉପହାର ଦେଲେ ବିରାଟ

କାନପୁର

କାନପୁରରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ଭାରତ ୭ ୱିକେଟରେ ଜିତିବା ସହ ସିରିଜକୁ ୨-୦ରେ କ୍ଲିଇନ ସୁଇପ କରିଛି । ଏହି ଟେଷ୍ଟ ପୂର୍ବରୁ ବାଂଲାଦେଶର କିମ୍ବଦନ୍ତୀ କ୍ରିକେଟର ନିଜର ଅବସର ନେଇ ବଡ଼ ଘୋଷଣା କରିଥିଲେ ।

ମୀରପୁରରେ ଅନୁଷ୍ଠିତ ହେବାକୁ ଥିବା ଦକ୍ଷିଣ ଆଫ୍ରିକା ଟେଷ୍ଟ ପରେ ସେ ନାଲି ବଲ୍ କ୍ରିକେଟରୁ ବିଦାୟ ନେବେ । କିନ୍ତୁ ଏଥିରେ ତାଙ୍କ ଯୋଗଦାନକୁ ନେଇ ସସ୍‌ପେନ୍ସ ରହିଛି । କାରଣ ବାଂଲାଦେଶରେ ଏବେ ରାଜନୀତିକ ଅସ୍ଥିରତା ଲାଗି ରହିଛି । ସାକିବଙ୍କ ନାଁରେ ମଧ୍ୟ ଏକାଧିକ ହତ୍ୟା ମାମଲା ରୁଜୁ ହୋଇଛି । ତେଣୁ ବାଂଲାଦେଶରେ ଖେଳିବା ସାକିବଙ୍କ ପକ୍ଷରେ ସମ୍ଭବ ହୋଇ ନପାରେ । ଏହାର ଅର୍ଥ ଭାରତ ବିପକ୍ଷରେ ସାକିବ ସମ୍ଭବତଃ ତାଙ୍କ ଟେଷ୍ଟ କ୍ୟାରିୟର ଶେଷ ମ୍ୟାଚ୍ ଖେଳିଛନ୍ତି । ଏଥିପାଇଁ ମଙ୍ଗଳବାରର ମ୍ୟାଚ୍ ପରେ ବିରାଟ କୋହଲି ତାଙ୍କୁ ସ୍ୱତନ୍ତ୍ର ଉପହାର ଦେଇଛନ୍ତି । ସେ ନିଜର ବ୍ୟାଟରେ ଦସ୍ତଖତ କରି ସାକିବଙ୍କୁ ଉପହାର ଆକାରରେ ପ୍ରଦାନ କରିଛନ୍ତି । ଏହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

ଭାରତ ମ୍ୟାଚ୍ ଜିତିବା ପରେ ବିରାଟ ସ୍ୱତନ୍ତ୍ର ଭାବେ ସାକିବଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହାପରେ ତାଙ୍କ ସହ କଥା ହେବା ସହ ନିଜ ବ୍ୟାଟ୍‌କୁ ଉପହାର ଆକାରରେ ଦେଇଥିଲେ । ଏହାକୁ ସୋସିଆଲ ମିଡିଆରେ ଅନେକ ପ୍ରଶଂସା କରିଛନ୍ତି । ସାକିବ ମଧ୍ୟ ବ୍ୟାଟ୍ ପାଇ ବିରାଟଙ୍କୁ କୃତଜ୍ଞତା ଜଣାଇଛନ୍ତି ।

କାନପୁର ଟେଷ୍ଟ : ୨-୦ରେ ସିରିଜ୍ ଜିତିଲା ଭାରତ

କାନପୁର

କାନପୁର ଟେଷ୍ଟରେ ଭାରତ ବାଂଲାଦେଶକୁ ୭ ଉଇକେଟରେ ପରାସ୍ତ କରି ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜକୁ ୨-୦ରେ ଜିତିଛି । ଟିମ୍ ଇଣ୍ଡିଆର ୯୫ ରନ ଲକ୍ଷ୍ୟ ଥିଲା । ଭାରତ ମାତ୍ର ୩ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିଥିଲେ । ବିରାଟ କୋହଲି ୨୯ ରନରେ ଅପରାଜିତ ରହିଥିଲେ ଏବଂ ରିଷଭ ପନ୍ତ ଚାରି ରନରେ ଅପରାଜିତ ରହିଥିଲେ । ୮ ରନ ସ୍କୋର କରିବା ପରେ ରୋହିତ ଶର୍ମା, ୬ ରନ ସ୍କୋର କରିବା ପରେ ଶୁବମନ ଗିଲ୍ ଏବଂ ୫୧ ରନ ସ୍କୋର କରିବା ପରେ ଯଶସ୍ୱୀ ଜୟସ୍ୱାଲ ଆଉଟ ହୋଇଥିଲେ । ବିରାଟ ଏବଂ ଯଶସ୍ୱୀଙ୍କ ମଧ୍ୟରେ ତୃତୀୟ ଉଇକେଟ ପାଇଁ ୫୮ ରନ ଭାଗିଦାରୀ ହୋଇଥିଲା । ବାଂଲାଦେଶ ପାଇଁ ମେହେଦି ହାସନ ମିରାଜ ଦୁଇଟି ଉଇକେଟ ନେଇଥିବାବେଳେ ତାଇଜୁଲ ଇସଲାମ ଗୋଟିଏ ଉଇକେଟ ନେଇଛନ୍ତି । ଯଶସ୍ୱୀ ତାଙ୍କ ଇନିଂସରେ ୮ ଚୌକା ଓ ଗୋଟିଏ ଛକା ମାରିଥିଲେ ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ଏହାର ପ୍ରଥମ ଇନିଂସରେ ୨୩୩ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ଭାରତ ଆକ୍ରମଣାତ୍ମକ ବ୍ୟାଟିଂ କରି ନଅ ଉଇକେଟ ପାଇଁ ୨୮୫ ରନ୍‌ରେ ପ୍ରଥମ ଇନିଂସ ଘୋଷଣା କରିଥିଲା । ଏହା ପରେ ଭାରତ ୫୨ ରନରେ ଆଗୁଆ ରହିଥିଲା । ଦ୍ୱିତୀୟ ଇନିଂସରେ ବାଂଲାଦେଶ ଦଳ ୧୪୬ ରନ ସଂଗ୍ରହ କରି ଭାରତକୁ ୯୫ ରନ ଲକ୍ଷ୍ୟ ଦେଇଥିଲା । ଟେଷ୍ଟରେ ୯୦ ଓଭର ଗୋଟିଏ ଦିନରେ ସରକାରୀ ଭାବେ ବୋଲିଂ ହୋଇଛି । ବାଂଲାଦେଶ ଏହାର ପ୍ରଥମ ଇନିଂସରେ ୭୪.୨ ଓଭର ଖେଳିଥିଲା, ଭାରତ ପ୍ରଥମ ଇନିଂସରେ ୩୪.୪ ଓଭର ଖେଳିଥିଲା, ବାଂଲାଦେଶ ଦ୍ୱିତୀୟ ଇନିଂସରେ ୪୭ ଓଭର ଖେଳିଥିଲା ଏବଂ ଭାରତ ଦ୍ୱିତୀୟ ଇନିଂସରେ ୧୭.୨ ଓଭର ଖେଳିଥିଲା । ଯଦି ଏହି ସବୁକୁ ମିଶାଯାଏ, ତେବେ ପ୍ରାୟ ୧୭୪ ଓଭର ହେବ ଏବଂ ଏହା ଦୁଇ ଦିନର ମୋଟ ଓଭର ୧୮୦ଠାରୁ କମ୍ ଅଟେ ।

ଏହି ଟେଷ୍ଟରେ ଭାରତ ଏକ ସାହସିକ ଖେଳ ପ୍ରଦର୍ଶନ କରିଥିଲା । ପ୍ରଥମ ଦିନରେ କେବଳ ୩୫ ଓଭର ଖେଳାଯାଇପାରିଥିଲା । ବର୍ଷା ମ୍ୟାଚ୍‌କୁ ବ୍ୟାହତ କରିଥିଲା ଏବଂ ପରେ ଦ୍ୱିତୀୟ ଏବଂ ତୃତୀୟ ଦିନରେ ଖେଳ ବର୍ଷା ହେତୁ ଧୋଇ ଯାଇଥିଲା । ଖେଳ ଚତୁର୍ଥ ଦିନରେ ଆରମ୍ଭ ହୋଇଥିଲା ଏବଂ ବାଂଲାଦେଶକୁ ପରାସ୍ତ କରିବା ପରେ ଭାରତ ଚମତ୍କାର ବ୍ୟାଟିଂ କରି ଟେଷ୍ଟରେ କୌଣସି ଦଳ ଦ୍ୱାରା ଦ୍ରୁତତମ ୫୦, ୧୦୦, ୧୫୦, ୨୦୦ ଏବଂ ୨୫୦ ରନ ସ୍କୋର କରିବାର ରେକର୍ଡ ସୃଷ୍ଟି କରିଥିଲା । ଏହା ପରେ ବାଂଲାଦେଶ ଦ୍ୱିତୀୟ ଇନିଂସରେ ସେମାନଙ୍କୁ ପରାସ୍ତ କରି ସହଜ ଟାର୍ଗେଟକୁ ପିଛା କରିଥିଲା ।

ଅଣ୍ଡର-୧୯ ଟେଷ୍ଟ : ଅଷ୍ଟ୍ରେଲିଆ ବିପକ୍ଷରେ ଶତକ ମାରି ରେକର୍ଡ କଲେ ୧୩ ବର୍ଷୀୟ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ

ଅଣ୍ଡର ୧୯ ଟେଷ୍ଟରେ ଚମକିଛନ୍ତି ଭାରତର ୧୩ ବର୍ଷୀୟ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ । ସେ ଅଣ୍ଡର ୧୯ ଟେଷ୍ଟରେ ଦ୍ରୁତତମ ଶତକ ହାସଲ କରିବାରେ ପ୍ରଥମ ଭାରତୀୟ ବନି ଯାଇଛନ୍ତି । ଚେନ୍ନାଇର ଏମଏ ଚିଦାମ୍ବର ଷ୍ଟାଡିୟମରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ଅଣ୍ଡର-୧୯ ଟେଷ୍ଟରେ ସେ ଏପରି କୀର୍ତ୍ତିମାନ ହାସଲ କରିଛନ୍ତି ।

ବିହାର ପାଇଁ ଖେଳୁଥିବା ସୂର୍ଯ୍ୟବଂଶୀ ୫୮ ବଲରେ ଶତକ ହାସଲ କରିଛନ୍ତି । ସେ ପ୍ରଥମଥର ପାଇଁ ଭାରତକୁ ଅଣ୍ଡର ୧୯ରେ ନାଲି ବଲରେ ପ୍ରତିନିଧିତ୍ୱ କରୁଥିବା ବେଳେ ଶତକ ହାସଲ କରି ନିଜ ଜଲୱା ଦେଖାଇଛନ୍ତି । ସୂର୍ଯ୍ୟବଂଶୀ ଅଣ୍ଡର ୧୯ରେ ଶତକ ହାସଲ କରିବାରେ ଦ୍ରୁତମତ ଭାରତୀୟ ହୋଇଥିଲେ ହେଁ ବିଶ୍ୱରେ ଦ୍ୱିତୀୟ । କାରଣ ଇଂଲଣ୍ଡ ଅଲରାଉଣ୍ଡର ମୋଇନ ଅଲୀ ୨୦୦୫ରେ ଅଣ୍ଡର ୧୯ କ୍ରିକେଟରେ ମାତ୍ର ୫୬ ବଲରେ ଶତକ ହାସଲ କରିଥିଲେ । ଏବେ ସୂର୍ଯ୍ୟବଂଶୀ ୫୮ ବଲରେ ଶତକ ହାସଲ କରିଛନ୍ତି । ସେ ତାଙ୍କ ଇନିଂସରେ ୧୪ଟି ଚୌକା ଓ ୪ଟି ଛକା ମାରିଛନ୍ତି । ତେବେ ୬୨ ବଲରେ ସୂର୍ଯ୍ୟବଂଶୀ ୧୦୪ ରନ କରି ଖେଳୁଥିବା ବେଳେ ରନ ଆଉଟ ହୋଇଯାଇଥିଲେ ।

ଅଣ୍ଡର ୧୯ ଟେଷ୍ଟରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୯୩ ରନ କରିଥିବା ବେଳେ ଭାରତ ଏହାର ଦୃଢ଼ ଜବାବ ଦେଇଛି । ସୂର୍ଯ୍ୟବଂଶୀ ଏକାକୀ ୧୦୪ ରନର ଇନିଂସ ଖେଳିଛନ୍ତି । ଏହାପୂର୍ବରୁ ମାତ୍ର ୧୨ ବର୍ଷ ବୟସରେ ସେ ବିହାର ପାଇଁ ରଣଜୀ ଟ୍ରଫିରେ ଡେବ୍ୟୁ କରି ଚର୍ଚ୍ଚାକୁ ଆସିଥିଲେ । ସେ ଡେବ୍ୟୁ କରି ସଚିନ ତେନ୍ଦୁଲକର ଓ ଯୁବରାଜ ସିଂହଙ୍କ ରେକର୍ଡକୁ ଭାଙ୍ଗିଥିଲେ । ସେ ଘରୋଇ ପ୍ରଥମ ଶ୍ରେଣୀ କ୍ରିକେଟରେ ଡେବ୍ୟୁ କରିବାରେ ଦେଶର ସର୍ବକନିଷ୍ଠ ଖେଳାଳି ହୋଇଥିଲେ ।

ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଲେ, ସେହୱାଗଙ୍କ ସମକକ୍ଷ ହେଲେ ଯଶସ୍ୱୀ ଜୟସ୍ୱାଲ

କାନପୁର

ଟିମ୍ ଇଣ୍ଡିଆର ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଚମକିଛନ୍ତି । ବାଂଲାଦେଶ ବିପକ୍ଷ ଅପ୍ରତ୍ୟାଶିତ ଦ୍ୱିତୀୟ ଟେଷ୍ଟ ବିଜୟର ଶ୍ରେଷ୍ଠ ଖେଳିଳି ପୁରସ୍କାର ଜୟସ୍ୱାଲଙ୍କୁ ମିଳିଛି । ସେ ପ୍ରଥମ ଇନିଂସରେ ୫୧ ବଲରେ ୭୨ ଓ ଦ୍ୱିତୀୟ ଇନିଂସରେ ୪୫ ବଲରେ ୫୧ ରନ କରିଛନ୍ତି । ତାଙ୍କର ଏହି ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତ ବେଶ୍ ରୋମାଞ୍ଚକର ଢଙ୍ଗରେ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟେଷ୍ଟକୁ ୭ ୱିକେଟରେ ଜିତି ନେଇଛି । ତେବେ ଜୟସ୍ୱାଲ ଜଲଓ୍ୱା ଏତିକିରେ ଅଟକି ନାହିଁ । ସେ ନିଜର ପ୍ରଦର୍ଶନ ବଳରେ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କ ନାଁରେ ଲମ୍ବା ସମୟ ଧରି ରହିଥିବା ରେକର୍ଡକୁ ଅତିକ୍ରମ କରିଯାଇଛନ୍ତି । ୧୯୭୧ ମସିହା ସୁନୀଲ ଗାଭାସ୍କର ୯୧୮ ରନ କରିଥିଲେ । ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଆଜି ଯାଏ ତାଙ୍କ ଠାରୁ କୌଣସି ଭାରତୀୟ ବ୍ୟାଟର ଅଧିକ ରନ କରିପାରି ନଥିଲେ । ୨୩ ବର୍ଷ ହେବା ପୂର୍ବରୁ ଗାଭାସ୍କର ଏପରି ରେକର୍ଡ କରିଥିଲେ ।

ତେବେ ୨୨ ବର୍ଷ ଓ ୨୭୮ ଦିନ ବୟସରେ ଜୟସ୍ୱାଲ ତାଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି । ସେ ୨୦୨୪ରେ ୯୨୯ ରନ କରି ସାରିଛନ୍ତି । ଚଳିତ ବର୍ଷ ଆହୁରି ମ୍ୟାଚ୍ ଥିବାରୁ ଜୟସ୍ୱାଲଙ୍କ ରେକର୍ଡ ଦୀର୍ଘ ବର୍ଷ ଧରି ଅକ୍ଷୁଣ୍ଣ ହୋଇ ରହିବ ବୋଲି ଆଶା କରାଯାଉଛି । ଜୈସ୍ୱାଲ ଚଳିତ ବର୍ଷ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି । ସେ ୨୦୨୪ରେ ମାତ୍ର ୮ଟି ଟେଷ୍ଟ ଖେଳି ରେକର୍ଡ ୯୨୯ ରନ କରିଛନ୍ତି । ତାଙ୍କ ବ୍ୟାଟିଂ ହାର ୬୬.୩୫ । ଏହା ମଧ୍ୟରେ ୨ଟି ଶତକ ଓ ୬ଟି ଅର୍ଦ୍ଧଶତକ ରହିଛି । ବ୍ୟାଟିଂରେ ଜୟସ୍ୱାଲଙ୍କ ସ୍ଥିରତା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି ।

ବାଂଲାଦେଶ ବିପକ୍ଷ କାନପୁର ଟେଷ୍ଟରେ ଜୟସ୍ୱାଲ ଦ୍ୱିତୀୟ ଭାରତୀୟ ଭାବେ ଉଭୟ ଇନିଂସରେ ୧୦୦ କିମ୍ବା ତା'ଠାରୁ ଅଧିକ ଷ୍ଟ୍ରାଇକ୍ ରେଟ୍‌ରେ ଅର୍ଦ୍ଧଶତକ ହାସଲ କରିବାର କୀର୍ତ୍ତିମାନ ହାସଲ କରିଛନ୍ତି । ଏହି ସଫଳତା ପରେ ସେ ବୀରେନ୍ଦ୍ର ସେହ୍ୱାଗଙ୍କ ନାଁରେ ଥିବା ରେକର୍ଡର ସମକକ୍ଷ ହୋଇଛି । ୨୦୧୧ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟରେ ସେହ୍ୱାଗ ଏପରି ସଫଳତା ହାସଲ କରିଥିଲେ । ସେହ୍ୱାଗ ପ୍ରଥମ ଇନିଂସରେ ୪୬ ବଲରେ ୫୫ ଓ ଦ୍ୱିତୀୟ ଇନିଂସରେ ସେ ୫୫ ବଲରେ ୫୫ ରନର ଇନିଂସ ଖେଳିଥିଲେ ।

ଆନ୍ତଃ କଲେଜ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ : ପୁରୁଷ ବର୍ଗରେ ଏମପିସି, ମହିଳା ବର୍ଗରେ ବାରିପଦା ଡିଗ୍ରୀ କଲେଜ ବିଜୟୀ

ବାରିପଦା, ନ୍ୟୁଜ୍‌ବ୍ୟୁରୋ

ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଅଧୀନ କଲେଜ ସମୁହକୁ ନେଇ ଆନ୍ତଃ କଲେଜ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ଏମପିସି ସ୍ୱୟଂଶାସିତ କଲେଜ ନୋଡାଲ ଇନଷ୍ଟିଚ୍ୟୁଟ ଭାବେ ଚାମ୍ପିଅନସିପ୍‌କୁ ଆୟୋଜନ କରିଥିବା ବେଳେ ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ପୁରୁଷ ବର୍ଗରେ ଏମପିସି ସ୍ୱୟଂଶାସିତ କଲେଜ ଏବଂ ମହିଳା ବର୍ଗରେ ବାରିପଦା ଡିଗ୍ରୀ କଲେଜ ଚାମ୍ପିଅନ ହୋଇଥିବା ବେଳେ ପୁରୁଷ ବର୍ଗରେ

ମୟୂରଭଞ୍ଜ କଲେଜ ଅଫ ଏକାଉଣ୍ଟେନ୍‌ସି ଏଣ୍ଡ ମ୍ୟାନେଜମେଣ୍ଟ ଏବଂ ମହିଳା ବର୍ଗରେ ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ ଟିମ୍ ରନର୍ସଅପ୍ ହୋଇଛନ୍ତି । ସେହିପରି ପୁରୁଷ ବିଭାଗରେ ସ୍ୱୟଂ ଭଦ୍ର ମହାନ୍ତି ବେଷ୍ଟ ପ୍ଲେୟାର ଓ ମହିଳା ବିଭାଗରେ ରୋଜାଲିନ ହୋ ବେଷ୍ଟ ପ୍ଲେୟାର ଟାଇଟଲ ହାସଲ କରିଛନ୍ତି । ଏମ୍‌ପିସି ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଡବ୍ଲ୍ୟୁସି ମୟୂରଭଞ୍ଜର ସଭାପତି ଜଗଦୀଶ ଚନ୍ଦ୍ର ଘଡ଼େଇ, ସମ୍ମାନିତ ଅତିଥି ଭାବେ ବାରିପଦା ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରବୋଧ କୁମାର ଦେ, ଏମଏସସିବି ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇ କୃତି ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଆୟୋଜନ କମିଟିର ସମ୍ପାଦକ ଡ. ଦୀପକ କୁମାର ବେହେରା, ବଏଜ କମନରୁମ ଉପସଭାପତି ଦେବାଶିଷ ଦାସ, ଗାର୍ଲସ କମନରୁମ୍ ଉପସଭାପତି ରାଇମଣି ମାରାଣ୍ଡି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ, ଏମ୍‌ପିସି କଲେଜ କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗୀତା ପରିଚାଳିତ ହୋଇଥିଲା ।

୨୦୨୫ ଆଇପିଏଲରେ ଆରସିବି ପାଇଁ ଖେଳିବେ ରାହୁଲ !

ନୂଆଦିଲ୍ଲୀ

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ସୋସିଆଲ ମିଡିଆରେ ଏକ ଫଟୋ ପୋଷ୍ଟ କରିଛି । ଯାହା ପରେ ଏବେ ଅନୁମାନ କରାଯାଉଛି ଯେ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲଏସ୍‌ଜି) ଅଧିନାୟକ କେ.ଏଲ ରାହୁଲ ଆଇପିଏଲ ୨୦୨୫ରେ ଆରବିସି ପାଇଁ ଖେଳିପାରନ୍ତି ।

ଆରସିବି ଏହାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ଫଟୋ ପୋଷ୍ଟ କରିଛି । ଯେଉଁଥିରେ ବିରାଟ କୋହଲି ଏବଂ କେ.ଏଲ ରାହୁଲ ଏକ ଟିଭି ଭିତରେ ଏକାଠି ନଜର ଆସିଛନ୍ତି । ଏହି ଫଟୋ କୋହଲି ଏବଂ ରାହୁଲଙ୍କ ମଧ୍ୟରେ ଚାଲିଥିବା ସହଭାଗୀତାର ଅଟେ । ଏହି ପୋଷ୍ଟର କ୍ୟାପସନରେ ଲେଖା ଅଛି, ପ୍ରିୟ ପଡ଼ୋଶୀମାନେ, ଆଜି ଟିମ୍ ଇଣ୍ଡିଆର ପ୍ରଦର୍ଶନ ଦେଖିବା ପରେ ଆପଣଙ୍କର ଟିଭି ଭାଙ୍ଗିବେ ନାହିଁ । ଶାନ୍ତି ବଜାୟ ରଖନ୍ତୁ ! ଏହି ପୋଷ୍ଟ ପରେ, କଳ୍ପନାଜଳ୍ପନା ଆରମ୍ଭ ହୋଇଛି ଯେ ଆଇପିଏଲ ୨୦୨୫ରେ କେ.ଏଲ ରାହୁଲ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ଖେଳିପାରନ୍ତି ।

୨୮ ବର୍ଷ ବୟସରେ ହଠାତ୍ ଆଖି ବୁଜିଲେ ଏହି ଯୁବ କ୍ରିକେଟର

ନୂଆଦିଲ୍ଲୀ

କ୍ରିକେଟ ଜଗତକୁ ସ୍ତବ୍ଧ କରିଛି ଗୋଟିଏ ଦୁଃଖଦ ଖବର । ୨୮ ବର୍ଷ ବୟସରେ ଜଣେ ଯୁବ କ୍ରିକେଟରଙ୍କ ହଠାତ ମୃତ୍ୟୁ ହୋଇଛି । ବେଙ୍ଗଲ ପାଇଁ କ୍ରିକେଟ ଖେଳୁଥିବା ଆସିଫ ହୁସେନ ସୋମବାର ରାତିରେ ସମସ୍ତଙ୍କୁ ଛାଡ଼ି ପରପାରିକୁ ଚାଲି ଯାଇଛନ୍ତି । କ୍ରିକେଟକୁ ନେଇ ସେ ଅନେକ ସ୍ୱପ୍ନ ଦେଖିଥିଲେ । ହେଲେ ତାଙ୍କ ଅକାଳ ବିୟୋଗ ସହ ସେସବୁ ସ୍ୱପ୍ନ ହୋଇ ରହିଯାଇଛି । ରିପୋର୍ଟ ଅନୁସାରେ, ଘଟଣା ପୂର୍ବରୁ ଆସିଫ ବେଶ୍ ସୁସ୍ଥ ରହିଥିଲେ । କିନ୍ତୁ ସୋମବାର ରାତିରେ ସେ ଘରର ପାହାଚ ଓହ୍ଲାଉଥିବା ବେଳେ ତାଙ୍କ ଗୋଡ଼ ଖସି ଯାଇଥିଲା । ସେ ଜୋରରେ ତଳେ ପଡ଼ିଥିଲେ । ତାଙ୍କୁ ତୁରନ୍ତ ଗୋଟିଏ ଘରୋଇ ହସ୍ପିଟାଲକୁ ନିଆ ଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୁଣ୍ଡର ପଛ ପଟ ପାହାଚରେ ପିଟି ହୋଇଯାଇଥିବାରୁ ସେ ଘଟଣା ସ୍ଥଳରେ ହିଁ ପ୍ରାଣ ହରାଇଥିଲେ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି । ଏହି ଘଟଣା ସାମ୍ନାକୁ ଆସିବା ପରେ ବେଙ୍ଗଲ କ୍ରିକେଟ ପୂରା ସ୍ତବ୍ଧ ହୋଇଯାଇଛି । ବେଙ୍ଗଲ ଟିମ୍‌କୁ ବିଭିନ୍ନ ବୟସ ବର୍ଗରେ ପ୍ରତିନିଧିତ୍ୱ କରି ଆସିଫ ସଫଳତା ପାଇଥିଲେ । ସେ ବେଙ୍ଗଲର ସିନିୟର ଟିମ୍‌ରେ ସ୍ଥାନ ପାଇବାକୁ ମଧ୍ୟ ଦାବିଦାର ଥିଲେ । ନିକଟରେ ଶେଷ ହୋଇଥିବା ବେଙ୍ଗଲ ଟି-୨୯ ଲିଗ୍‌ର ଗୋଟିଏ ମ୍ୟାଚ୍‌ରେ ସେ ୯୯ ରନର ଇନିଂସ ଖେଳି ସମସ୍ତଙ୍କୁ ନିଜ ଦକ୍ଷତାର ପରିଚୟ ଦେଇଥିଲେ । ତାଙ୍କ ଅକାଳ ବିୟୋଗ ସମସ୍ତଙ୍କୁ ଚକିତ କରିଥିବା ବେଳେ ମଙ୍ଗଳବାର ବେଙ୍ଗଲ ସିନିୟର ଟିମ୍ ନିଜର ଅଭ୍ୟାସ ସେସନ୍ସ ପୂର୍ବରୁ ଆସିଫଙ୍କ ପାଇଁ ଗୋଟିଏ ମିନିଟର ନୀରବ ପ୍ରାର୍ଥନା କରିଥିଲା ।

"e" Procurement Notice for Building Works i-212

Sl no	Name of the work	Estimated cost in Lakh	Class of contractor	Bid Identification No	Period for completion
1	Construction of Additional Class Room at Barahi Nodal HS Abhayamukhi (Abhayamukhi Bhoi Sahi PS) in Deulidharapur G.P under Balipatna Block.	13.17	D & equivalent	03/BPS/2024-25	3 months
2	Construction of Additional Class Room at Jageswari Nodal UP School in NarisoG.P under Balipatna Block.	12.50	D & equivalent	04/BPS/2024-25	3 months

1. Availability of Tender Online for bidding : Dt.01.10.2024 at 03.00 P.M dt.15.10.2024 at 5.00 PM
2. Last date & time of seeking Tender clarification : Dt.12.10.2024 at 5.00 PM
3. Date & time of opening of Tender : Dt.17.10.2024 at 11 AM

Further details can be seen from the website www.tendrodisha.gov.in

OIPR-19303/11/0002/2425 Sd/- Block Development Officer Balipatna

GOVERNMENT OF ODISHA C-703
OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR AT CHATRAPUR
Phone - 06811 263909- FAX - 06811 263950 - E-mail - eephchpr@gmail.com
NATIONAL COMPETITIVE BIDDING THROUGH e-Procurement
1st Corrigendum dated.30.09.2024

Sl No	Name of the work	Bid Identification No.	Revised as per Corrigendum - List of approved Manufacturer in Percentage BoQ
1.	Procurement, installation with testing and commissioning of 250 KVA DG set at Badagaon for Intake well & WTP for Baliguda under State Plan BASUDHA for the year 2023-24	Identification No 54/ 03 / SPH(C) / 2024-25 dt. 24.09.2024	List of approved Manufacturer for Silent DG set for Industrial use - (BOQ-Sl.No.1) as per DTCN Page- 73 & 74) JAKSON/TATA/MAHINDRA/KIRLOSKAR/ FORTUNE/ASHOK LEYLAND/ GREAVES /EICHER /HONDA/ YAMAHA/ MITSUBISHI/BAJAJ/BIRLA POWER etc.
2.	Procurement, installation with testing and commissioning of 100 KVA DG set at Intake well and 150 KVA DG set for WTP of G.Udayagiri under State Plan BASUDHA for the year 2023-24	Identification No 55/ 03 / SPH(C) / 2024-25 dt. 24.09.2024	-DO-
3.	Procurement, installation with testing and commissioning of 125 KVA DG set at Malatitotasahi, Sorada NAC under State Plan BASUDHA for the year 2023-24	Identification No 56/ 03 / SPH(C) / 2024-25 dt. 24.09.2024	-DO-

All other terms and conditions in the DTCN remains unaltered.
OIPR-13013/11/0012/2425 Sd/- Superintending Engineer P.H. Division, Bhanjanagar at Chatrapur

ଭାରତର ପ୍ରତିନିଧିତ୍ୱ କରିବେ ଓଡ଼ିଆ ଛାତ୍ର ରୋହିତ ପାତ୍ର

କୋରାପୁଟ

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ପ୍ରଥମ ବର୍ଷର ଛାତ୍ର ରୋହିତ ପାତ୍ର ଅକ୍ଟୋବର ୦୪ରୁ ୧୩ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିୟନସିପରେ ଭାରତର ପ୍ରତି

30 YEARS
ସମୟ କହିଲା
ଭୁବନେଶ୍ୱର, ୦୨ ଅକ୍ଟୋବର ୨୦୨୪ ବୁଧବାର

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଏବେ ସ୍ଥିତି...

ରହି ଭଦ୍ରକ ଓ ଧାମନଗର ଅଞ୍ଚଳର ଆଇନଶୃଙ୍ଖଳା ସ୍ଥିତିର ଅନୁଧ୍ୟାନ କରିଛନ୍ତି। ବୈଠକ ପରେ ପୋଲିସ୍ ଡିଜି ଶ୍ରୀ ଖୁରାନିଆ କହିଛନ୍ତି ଭଦ୍ରକରେ ପରିସ୍ଥିତି ଏବେ ନିୟନ୍ତ୍ରଣରେ ରହିଛି । ସୋସିଆଲ ମିଡିଆରେ ହେଉଥିବା ମିଥ୍ୟା ଅପପ୍ରଚାର ଓ ଗୁଜବଠାରୁ ଦୂରେଇ ରହିବା ସହ ଅଯଥା କମେଣ୍ଟ ନ କରିବାକୁ ଶ୍ରୀ ଖୁରାନିଆ ଜନସାଧାରଣଙ୍କୁ ଅପିଲ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି କି, ସାଧାରଣ ଲୋକ ଭୟଭୀତ ହେବାର କୌଣସି କାରଣ ନାହିଁ। ପୁଲିସ ତାର ଗୁରୁଦାୟିତ୍ୱ ତୁଲାଉଛି। ସ୍ଥିତିରେ ନିଶ୍ଚିତ ସୁଧାର ଆସିବ। ସ୍ଥିତି ନିୟନ୍ତ୍ରଣରେ ଅଛି । ଦିନେ ଦୁଇ ଦିନରେ ସ୍ୱାଭାବିକ ହେବ। ଅଧିକାରୀଙ୍କ ସହ ଆଲୋଚନା କରିଛି । ୨୨ ତାରିଖରେ ଘଟଣା ପରେ ପୋଲିସ ସଜାଗ ହୋଇଛି । ୫ଟି ଥାନା ଅଞ୍ଚଳ ପ୍ରଭାବିତ ହୋଇଛି । ପୋଲିସ ଓ ରାପିଡ ଆକ୍ସନ ଫୋର୍ସ ନିୟମିତ ପାଟ୍ରୋଲିଂ କରୁଛନ୍ତି । ସୋସିଆଲ୍ ମିଡିଆରେ କେହି ଆପତ୍ତିଜନକ ପୋଷ୍ଟ ଦେଲେ ସେ ବିଷୟ ତୁରନ୍ତ ପୋଲିସକୁ ଜଣାନ୍ତୁ । ପୋଲିସ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଡିଜିପି କହିଛନ୍ତି । ଅନ୍ୟପଟେ ୪ ଦିନ ପରେ ବି ଋପା ଉତ୍ତେଜନା ଥିବାରୁ ୧୬୩ ଧାରା ବଳବତ୍ତର ରହିଛି । ଇଣ୍ଟରନେଟ ସେବାକୁ ବନ୍ଦ ରଖାଯାଇଥିବା ବେଳେ ଧାମନଗର ଓ ଦୋବଲରେ ଧାରା ୧୬୩କୁ ସାମାନ୍ୟ କୋହଳ କରାଯାଇଛି । ସକାଳ ୬ଟାରୁ ରାତି ୮ଟା ଯାଏଁ କଟକଣା ମଧ୍ୟରେ ଦୋକାନବଜାର ଖୋଲିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି । କୌଣସି ସ୍ଥାନରେ ୨ରୁ ଅଧିକ ଲୋକ ଭିଡ଼ ନଜମାଇବା, ମିଟିଂ ଓ ରାଲି ନକରିବାକୁ କଡା ନିର୍ଦ୍ଦେଶ ଦିଆଯାଇଛି। ପରିସ୍ଥିତିକୁ ଦେଖି ଇଣ୍ଟରନେଟ ସେବା ଉପରେ ନିଷ୍ପତ୍ତି ନିଆଯିବ ବୋଲି ପୂର୍ବାଞ୍ଚଳ ଡିଆଇଜି କହିଛନ୍ତି।

୩.୫ କୋଟି...

ଏହା ଜରିଆରେ ରାଜ୍ୟର ସବୁ ସ୍ୱାସ୍ଥ୍ୟ ଅନୁଷ୍ଠାନ, ରୋଗୀଙ୍କ ତଥ୍ୟର ଡିଜିଟାଲ ମ୍ୟାପିଂ ମଧ୍ୟ ହୋଇପାରିବ । ପ୍ରତି ରୋଗୀଙ୍କୁ ଏକକ ପରିଚୟ ପତ୍ର ଦିଆଯିବ। ଏଥିରେ ସେମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସବୁ ତଥ୍ୟ ରହିବ । ଏପରିକି ଏହି କାର୍ଡ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହ ମଧ୍ୟ ସଂଶ୍ଳିଷ୍ଟ ରହିବ। ଫଳରେ ରୋଗୀମାନେ ଡାକ୍ତରଙ୍କ ପାଖକୁ ଯିବାବେଳେ ସେମାନଙ୍କର ସମସ୍ତ ସ୍ୱାସ୍ଥ୍ୟଗତ ତଥ୍ୟ ଡାକ୍ତର ଜାଣିପାରିବେ। ଏଥିପାଇଁ ରାଜ୍ୟ ବଜେଟରେ ବ୍ୟୟବରାଦ ହୋଇଛି । ଏବେ ଏନେଇ କାର୍ଯ୍ୟ ଚାଲିଛି । ଖୁବଶୀଘ୍ର ଏହା ପ୍ରଚଳନ କରାଯିବ । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାକୁ ରାଜ୍ୟରେ କାର୍ଯ୍ୟକ୍ଷମ କରିବା ପାଇଁ ଏବେ ବ୍ୟାକ ଏଣ୍ଡରେ ଡାଟା କାମ ଚାଲିଛି । ରାଜ୍ୟର ଏକ କୋଟି ପରିବାରର ସାଢ଼େ ୩ କୋଟି ଲୋକଙ୍କୁ ମିଳିବ ବ୍ୟକ୍ତିଗତ ସ୍ୱାସ୍ଥ୍ୟ କାର୍ଡ। ଏହା ଏକ କମନ କାର୍ଡ ହେବ । ଆୟୁଷ୍ମାନ ଭାରତ ଯୋଜନାରେ ୬୭ଲକ୍ଷ ପରିବାର ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ୩୩ଲକ୍ଷ ପରିବାରକୁ ସ୍ୱାସ୍ଥ୍ୟବୀମାରେ ସାମିଲ କରାଯିବ । ନୂଆ ସ୍ୱାସ୍ଥ୍ୟବୀମାରେ ପୁରୁଷଙ୍କୁ ୫ଲକ୍ଷ ଟଙ୍କା ଓ ମହିଳାଙ୍କୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସୁବିଧା ମିଳିବ। ପୁରୁଣା ସ୍ୱାସ୍ଥ୍ୟ କାର୍ଡରେ କେବଳ ୯୫୦ଟି ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ମିଳୁଥିଲାବେଳେ ନୂଆ ସ୍ୱାସ୍ଥ୍ୟ କାର୍ଡରେ ୨୭ହଜାରରୁ ଅଧିକ ହସ୍ପିଟାଲରେ କ୍ୟାସଲେସ ଚିକିତ୍ସା ସୁବିଧା ଉପଲବ୍ଧ ହେବ।

୪ରୁ ରାଜ୍ୟରେ...

ପରିମାଣ ବୃଦ୍ଧି ପାଇବ। ୪ ତାରିଖରୁ ୧୦ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ବର୍ଷା ହେବ । ଅନ୍ୟପଟେ ମୌସୁମୀ ଋତୁ ଶେଷ ହୋଇଛି । ସାରା ଦେଶରୁ ମୌସୁମୀ ଅପସାରଣ ମଧ୍ୟ ଆରମ୍ଭ ହୋଇଯାଇଛି। ଆଉ ଦିନ କେଇଟାରେ ଦେଶରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅପସରି ଯିବ। ତେବେ ମୌସୁମୀ ଯିବା ସହ ଅକ୍ଟୋବର ୧ରୁ ଆରମ୍ଭ ହୋଇଯାଇଛି ବାତ୍ୟା ଋତୁ। ଅକ୍ଟୋବର-ଡିସେମ୍ବର ମାସ ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଯେ କୌଣସି ମୁହୂର୍ତ୍ତରେ ବାତ୍ୟା ବିପଦ ଦେଖାଦେଇପାରେ। ଅନ୍ୟପଟେ ବଙ୍ଗୋପସାଗରରେ ଶକ୍ତିଶାଳୀ ଘୂର୍ଣ୍ଣିଝଡ଼ ସୃଷ୍ଟି ପାଇଁ ପାଣିପାଗ ଅନୁକୂଳ ରହିଥିବା ଜଣାପଡ଼ିଛି । ବାତ୍ୟା ପାଇଁ ସାମୁଦ୍ରିକ ସ୍ଥିତି ଅନୁକୂଳ ରହୁଥିବାରୁ ଏହି ୪ ମାସରେ ଲଘୁଚାପ ସୃଷ୍ଟି ହେଲେ ଏହା ବାତ୍ୟାରେ ପରିଣତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ମୌସୁମୀ ଅପସାରଣ ପରେ ବାତ୍ୟାଗୁଡ଼ିକ ସାଧାରଣତଃ ଅଧିକ ଶକ୍ତିଶାଳୀ ହୋଇଥାଏ। ବର୍ତ୍ତମାନ ମାଡାନ ଜୁଲିୟନ ଓସିଲେନସନର ସକରାତ୍ମକ ପ୍ରଭାବ ରହିଛି । ଏହା ବାତ୍ୟା ସୃଷ୍ଟି କରିବାରେ ଅତ୍ୟଧିକ ସହାୟକ ହୋଇଥାଏ। ସେହିପରି ଉତ୍ତର ଆଣ୍ଡାମାନ ସାଗର ସମେତ ବଙ୍ଗୋପସାଗରରେ ତାପମାତ୍ରା ପ୍ରାୟ ୩୨-୩୩ ଡିଗ୍ରୀ ମଧ୍ୟରେ ରହୁଛି । ବଙ୍ଗୋପସାଗର ତାପମାତ୍ରା ୨୬.୫ ଡିଗ୍ରୀ ଡେଇଁଲେ ଏହା ବାତ୍ୟା ପାଇଁ ସୁହାଉଥିବା ବେଳେ ଚଳିତ ବର୍ଷ ଏହା ତୁଳନାରେ ତାପମାତ୍ରା ଯଥେଷ୍ଟ ଅଧିକ ରହିଛି । ଏହାସହିତ ସମ୍ପୃକ୍ତ ଅଞ୍ଚଳରେ ବାୟୁ ପ୍ରବାହ ମଧ୍ୟ ସ୍ଥିର ରହିଛି, ଯାହାକି ବାତ୍ୟା ସୃଷ୍ଟି ଏକ ବଳିଷ୍ଠ ବାତାବରଣ ସୃଷ୍ଟି କରିଛି । ପୂର୍ବରୁ ଏହି ଭଳି ସ୍ଥିତି ସମୟରେ ୧୧ ଅକ୍ଟୋବର ୨୦୧୮ରେ ତିତଲି, ୧୨ ଅକ୍ଟୋବର ୨୦୧୩ରେ ଫାଇଲିନ, ୧୨ ଅକ୍ଟୋବର ୨୦୧୪ରେ ହୁଡ୍‌ହୁଡ ଭଳି ବାତ୍ୟା ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିବାରୁ ଚଳିତ ବର୍ଷ ମଧ୍ୟ ବାତ୍ୟା ଋତୁକୁ ପାଣିପାଗ ବିଭାଗ ସତର୍କତାର ସହ ନିରୀକ୍ଷଣ କରୁଛି । ଅକ୍ଟୋବର ମାସରେ ଆସୁଥିବା ବାତ୍ୟାଗୁଡ଼ିକ ଅଧିକ ଓ ଶକ୍ତିଶାଳୀ ହେଉଥିବାରୁ ଆସନ୍ତା ସପ୍ତାହରେ ସୃଷ୍ଟି ହେବାକୁଥିବା ଲଘୁଚାପ ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ହୋଇଛି । ସୂଚନାଯୋଗ୍ୟ ଯେ ୧୯୯୯ ମହାବାତ୍ୟା ମଧ୍ୟ ଅକ୍ଟୋବର ୨୯ ତାରିଖରେ ହୋଇଥିଲା। ଆଜିଠାରୁ ମୌସୁମୀ ଋତୁ ୫% ନିଅଣ୍ଟିଆ ସହ ଶେଷ ହୋଇଛି । ଚଳିତ ମୌସୁମୀରେ ରାଜ୍ୟରେ ଜୁନ ୧ରୁ ଏଯାବତ ସ୍ୱାଭାବିକ ବର୍ଷା ୧୧୫୦.୨ ମିମି ତୁଳନାରେ ୧୦୯୨.୦ ମିମି ରେକର୍ଡ ହୋଇଛି । ଏହି ସମୟରେ ଦୁଇଟି ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଥିବା ବେଳେ ୨୪ ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି। ତେବେ ଭଦ୍ରକ, କେନ୍ଦୁଝର, ଦେବଗଡ଼ ଓ ଝାରସୁଗୁଡ଼ା ଆଦି ୪ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ଼ ହୋଇଛି । ଭଦ୍ରକରେ ନିଅଣ୍ଟିଆ ବର୍ଷା ପରିମାଣ ସର୍ବାଧିକ ୨୭ ପ୍ରତିଶତ ବୋଲି ସୂଚନା ମିଳିଛି।

ଆଜି ମୁଖ୍ୟମନ୍ତ୍ରୀଙ୍କ ...

ଗସ୍ତରେ ଯାଇ ନିବେଶକ ସମ୍ମିଳନୀରେ ଯୋଗଦେବେ। ଓଡ଼ିଶାରେ କିପରି ଅଧିକ ପୁଞ୍ଜି ନିବେଶ ହୋଇପାରିବ ଏବଂ ଶିଳ୍ପ ପ୍ରତିଷ୍ଠା ପାଇଁ ନିବେଶକାରୀମାନେ ଆଗ୍ରହ ପ୍ରକାଶ କରିବେ ସେଥିପାଇଁ ସମ୍ମିଳନୀରେ ଆଲୋଚନା ହେବ। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ସିଧାସଳଖ ନିବେଶକମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

ମହଙ୍ଗା ହେଲା ...

ଠାରୁ କାର୍ଯ୍ୟକାରୀ ହୋଇଛି।ଇଣ୍ଡିଆନ ଅଏଲର ୱେବସାଇଟ ଅନୁଯାୟୀ ନୂଆଦିଲ୍ଲୀରେ ୧୯ କିଲୋଗ୍ରାମ କମର୍ସିଆଲ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୪୮.୫୦ ଟଙ୍କା ରୁ ୧୭୪୦ ଟଙ୍କାକୁ ବୃଦ୍ଧି ହୋଇଛି, ଯାହା ପୂର୍ବରୁ ୧୬୯୧.୫୦ ଟଙ୍କାରେ ଉପଲବ୍ଧ ଥିଲା। କୋଲକାତାରେ ଏହାର ମୂଲ୍ୟ ୪୮ଟଙ୍କା ବୃଦ୍ଧି ହୋଇ ୧୮୫୦.୫୦ ଟଙ୍କା ହୋଇଛି, ଯାହା ପୂର୍ବରୁ ୧୮୦୨.୫୦ ଟଙ୍କାରେ ଉପଲବ୍ଧ ଥିଲା। ମୁମ୍ବାଇରେ ଏହା ୪୮.୫୦ ଟଙ୍କା ବୃଦ୍ଧି ହୋଇ ୧୬୯୨.୫୦ ଟଙ୍କାରେ ଉପଲବ୍ଧ ,ଯାହାର ପୂର୍ବ ମୂଲ୍ୟ ୧୬୪୪ ଟଙ୍କା ଥିଲା।ଏହା ବ୍ୟତୀତ ଚେନ୍ନାଇରେ ଏହି ସିଲିଣ୍ଡର ୧୯୦୩ ଟଙ୍କାରେ ଉପଲବ୍ଧ , ଯାହା ପୂର୍ବରୁ ୧୮୫୫ ଟଙ୍କାରେ ଉପଲବ୍ଧ ଥିଲା।।

ଓଡ଼ିଶାରେ ଦେଖାଗଲା...

୧୫ ରୁ ୨୦ ତାରିଖ ଖାଲି ଆଖିକୁ ଦେଖାଯିବର ସମ୍ଭାବନା ରହିଛି । ଏହା ମାସ ଶେଷ ଯାଏଁ ଖାଲି ଆଖିକୁ ଦେଖାଯିବ ବୋଲି କିଛି ବୈଜ୍ଞାନିକ ଅନୁମାନ ମଧ୍ୟ କରିଛନ୍ତି। ଅକ୍ଟୋବର ମାସ ୧୨ ତାରିଖରେ ପ୍ରାୟ୭ କୋଟି କିଲୋମିଟର ଦୂରତାରେ ଏହା ପୃଥିବୀର ନିକଟତମ ଅବସ୍ଥାକୁ ଆସିବ। ୧୫ତାରିଖ ସନ୍ଧ୍ୟା ୬:୧୫ ସମୟରେ ପଶ୍ଚିମ ଦିଗ୍‌ବଳୟର ପ୍ରାୟ ୧୬ଡିଗ୍ରୀ ଉପରେ ଏହା ଦେଖାଯିବପରେ ଧିରେ ଧିରେ ତଳଆଡ଼କୁ ଗତିକରି ପ୍ରାୟ ଅଧଘଣ୍ଟା ପରେ ଅସ୍ତ ହୋଇଯିବ। ପରବର୍ତ୍ତୀ ଦିନଗୁଡ଼ିକରେ ଏକା ସମୟ ଅର୍ଥାତ୍ ସନ୍ଧ୍ୟା ୬:୧୫ରେପୂର୍ବଦିନ ଠାରୁ ପ୍ରାୟ ୪ଡିଗ୍ରୀ ଉପରେ ଦେଖାଯିବ। ଓ ପୂର୍ବ ଦିନ ତୁଳନାରେ ଅସ୍ତ ହେବାକୁ ୧୦ରୁ ୧୨ ମିନିଟ ଅଧିକ ସମୟ ନେବ। ଏହିପରି ଦିନ ପରେ ଦିନ ଧିରେ ଧିରେ ଏହା ଉପରରୁ ଉପରକୁ ଦେଖାଯାଇ ୨୦ ତାରିଖରେ ୩୬ଡିଗ୍ରୀଉପରେ ପହଞ୍ଚିବ । ଧୂମକେତୁ ସୂର୍ଯ୍ୟଠାରୁ ଦୂରେଇ ଯାଉଥିବା ଫଳରେ ଏହାର ଉଜ୍ଜ୍ୱଳତା କମି କମି ୨୦ ତାରିଖ ପରେ ଏହାକୁ ଖାଲି ଆଖିରେ ଦେଖିବା ସମ୍ଭବ ହେବନାହିଁ । ସି/୨୦୨୩ ଏ-୩ ଧୂମକେତୁଟି ପୁଣି ଆଉଥରେ ଆମ ପାଖକୁ ଆସିବ ଆଉ ୮୦ ହଜାର ବର୍ଷ ପରେ। ଏଠାରେ ସୂଚାଇଦିଆଯାଇ ପାରେ ଯେ ଏହି ଧୂମକେତୁଟି ଖାଲି ଆଖିକୁ ଏକ ତାରା ଓ ତାକୁ ଲାଗି ରହିଥିବା ମେଘ ଭଳିଆ ଛୋଟ ଝାପ୍‌ସା ଲାଞ୍ଜଟିଏ ଦେଖାଯିବ। ବିଭିନ୍ନ ଫଟୋ ବା ଟିଭିରେ ଦେଖାଯାଉଥିବା ଚିତ୍ର ଭଳି ଏହା ଏତେବଡ ଓ ଉଜ୍ଜ୍ୱଳ କେବେବି ଖାଲି ଆଖିକୁ ଦେଖାଯିବ ନାହିଁ। ବିଭିନ୍ନ ଗଣମାଧ୍ୟମରେ ଆସୁଥିବା ଫଟୋ ଓ ଚିତ୍ର ଗୁଡ଼ିକ ଦୂରବୀକ୍ଷଣରେ ନିଆଯାଇ କମ୍ପ୍ୟୁଟର୍‌ରେ ପ୍ରକ୍ରିୟାକରଣ କରାଯାଇଥାଏ। ଧୂମକେତୁଟିକୁ ଦେଖିବାପାଇଁ ଅକ୍ଟୋବର ମାସ ୧୫ ରୁ ୨୦ ତାରିଖ ମଧ୍ୟରେ ଏକ ମେଘ, ଧୂଳି ଓ ସହର ଆଲୋକରୁ ମୁକ୍ତ ପଶ୍ଚିମ ଦିଗ୍‌ବଳୟ ବାଛନ୍ତୁ। ଦୀର୍ଘ ୨୭ ବର୍ଷ ପରେ ଖାଲି ଆଖିରେ ଏକ ଧୂମକେତୁ ଦେଖିବାର ବିରଳ ସୁଯୋଗ ଆସିଛି। ବିଶେଷକରି ସହର ଆଲୋକ ଠାରୁ ଦୂରରେ ଗ୍ରାମାଞ୍ଚଳରେ ରହୁଥିବା ଅସଂଖ୍ୟ ଛାତ୍ରଛାତ୍ରୀ ଏପରି ଏକ ବିରଳ ସୁଯୋଗ ହାତ ଛଡ଼ା କରନ୍ତୁ ନାହିଁ।

ପୁଣି କାର୍ଯ୍ୟ ବନ୍ଦ...

ଛକ ଠାରୁ କେନ୍ଦ୍ରୀୟ କୋଲକାତାର ଏସପ୍ଲାନେଡ ଯାଏ ବୁଧବାର ବିକ୍ଷୋଭ ଶୋଭାଯାତ୍ରାର ଡାକରା ଦେଇଛନ୍ତି। ଏଥିରେ ସାଧାରଣ ଲୋକଙ୍କୁ ସାମିଲ ହେବାକୁ ଆହ୍ୱାନ କରାଯାଇଛି।

ଏହାବାଦ ସେମାନେ ଆରଜି କର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସିବିଆଇ କରୁଥିବା ବିଳମ୍ବକୁ ନେଇ ମଧ୍ୟ ନିଜର ଅସହାୟତା ପ୍ରକାଶ କରିଛନ୍ତି। ସେମାନଙ୍କ କହିବା କଥା ଯେ ଆରଜି କର ମେଡିକାଲ କଲେଜ ଓ ହସ୍ପିଟଲ ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ଦିଆଯାଉ।

ଜୁନିୟର ଡାକ୍ତରଙ୍କ ସଂପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଯୋଗୁ ମଙ୍ଗଳବାର ବେଙ୍ଗଲର ସବୁ ହସ୍ପିଟାଲରେ ରୋଗୀ ସେବା ପ୍ରଭାବିତ ହୋଇଛି। ସିନିୟର ଡାକ୍ତରମାନଙ୍କୁ ଆରପିଡି, ଓପିଡି ଓ ଜରୁରୀ ସେବାରେ ନିୟୋଜିତ କରାଯାଇଛି।

ବ୍ଲାକଲିଷ୍ଟ ସଂସ୍ଥାକୁ ...

ତେବେ ରାଜ୍ୟରେ ସରକାରୀ ଚାକିରି କରାଇଦେବାକୁ ଅନେକ ଦଲାଲ ମାତିଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ଏକ ସାଇବର କାଫେରେ ଗ୍ରୁପ୍-ସି ଚାକିରି ପାଇଁ ପରୀକ୍ଷା କରାଯାଉଥିବା ଅଭିଯୋଗ ହୋଇଛି। ଓଡ଼ିଶା ସବୋର୍ଡିନେଟ ଷ୍ଟାଫ ସିଲେକ୍ସନ କମିଶନ(ଓଏସଏସଏସସି) ଦ୍ୱାରା ଆର୍‌ଆଇ, ଏଆର୍‌ଆଇ, ଆଇସିଡିଏସ ସୁପର ଭାଇଜର, ଅମିନ ପରୀକ୍ଷା ଏହି ପରୀକ୍ଷା ହେଉଥିବା ବେଳେ ପରୀକ୍ଷା କେନ୍ଦ୍ରରେ ବିଳମ୍ବ କାରଣରୁ ବିବାଦ ସୃଷ୍ଟି ହୋଇଥିଲା।

ସୂଚନାଯୋଗ୍ୟ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରେ ଥିବା କମ୍ପ୍ୟୁଟର ସେଣ୍ଟରରେ ପରୀକ୍ଷା ହେଉଥିବା ବେଳେ ବିଳମ୍ବରେ ପରୀକ୍ଷା ଆରମ୍ଭ ହେବାକୁ ନେଇ କେନ୍ଦ୍ରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ଘଟଣା ସ୍ଥଳରେ ଉତ୍ତେଜନା ପରେ ବରିଷ୍ଠ ଅଧିକାରୀ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣରେ ଆଣିବାକୁ ଚେଷ୍ଟା କରିଥିଲେ।

ତେବେ ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି ଯେ, ଓଏସଏସଏସସି ଏକ ସାଇବର କାଫେରେ ପରୀକ୍ଷା କରୁଛି। ପରୀକ୍ଷା କେନ୍ଦ୍ର ତଳେ ହୋଟେଲ ରହିଥିବାରୁ ବିନା ଆଇ କାର୍ଡରେ ଲୋକମାନେ ମନଇଚ୍ଛା ଭିତରକୁ ପ୍ରବେଶ କରୁଛନ୍ତି। ଫଳରେ ପରୀକ୍ଷାରେ ସ୍ୱଚ୍ଛତା ରହିବା ନେଇ ପ୍ରଶ୍ନ ଉଠିଛି।

ଇରାନର କ୍ଷେପଣାସ୍ତ୍ରକୁ ...

କରିଥିଲା। ଇସ୍ରାଏଲର ସୈନ୍ୟ ଏକ ବିବୃତ୍ତିରେ କହିଛନ୍ତି ଯେ ଇରାନରୁ ରକେଟ୍ ମାଡ଼ କରିଥିବାରୁ ସମସ୍ତ ଇସ୍ରାଏଲ୍ ନାଗରିକ ବୋମା ଆଶ୍ରୟସ୍ଥଳରେ ଅଛନ୍ତି।

ଇରାନ କହିଛି ଯେ ସୟଦ ହାସନ ନସରାଲ୍ଲା ଏବଂ ଶହୀଦ ନିଲଫୋରୋଶାନଙ୍କ ଶହୀଦଙ୍କ ଜବାବରେ ଏହା ଅଧିକୃତ ଅଞ୍ଚଳଗୁଡିକୁ ଟାର୍ଗେଟ କରିଛି। ଇରାନ ଏହି କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରିବା ପୂର୍ବରୁ ଇସ୍ରାଏଲର ସହର 'ତେଲ ଆଭିବ'ରେ କିଛି ଆତଙ୍କବାଦୀ ଗୁଳି ଚଳାଇଥିଲେ। ଗୁଳି ବିନିମୟରେ ଅତି କମରେ ୧୦ ଜଣ ଇସ୍ରାଏଲୀୟ ଆହତ ହୋଇଥିବା ଜଣାଯାଇଛି, ଯେଉଁଥିରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଦୁଇ ଆତତାୟୀ ଏମ-୧୬ ଏବଂ ଗୋଟିଏ ଏକେ-୪୭ ସହିତ ସାଧାରଣ ଲୋକଙ୍କୁ ଆକ୍ରମଣ କରିଥିଲେ।

ସମବାୟ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଦୁଇ ଦିନିଆ ଜାତୀୟ ସମୀକ୍ଷା ବୈଠକ ଉଦ୍‌ଯାପିତ

ସମବାୟ ସମିତି ଏଭଳି ସଶକ୍ତ ହେବା ଜରୁରୀ ଯେଉଁଠି ଚାଷୀମାନଙ୍କର ସମସ୍ତ ଆବଶ୍ୟକତା ପୂରଣ ହୋଇ ପାରିବ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସମବାୟ ଅନୁଷ୍ଠାନମାନଙ୍କର ସଶକ୍ତିକରଣ ଏବଂ ଗ୍ରାମାଂଚଳରେ ସମବାୟ ସମିତିକୁ ମଜବୁତ କରିବା ଉଦ୍ଦେଶ୍ୟରେ ସମବାୟ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଦୁଇ ଦିନିଆ ଜାତୀୟ ସମୀକ୍ଷା ବୈଠକ ସଫଳତାର ସହ ଶେଷ ହୋଇଛି । ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଅହୁଜା ଏହାକୁ ଉଦଘାଟନ କରିଥିବା ବେଳେ ସମବାୟ ମନ୍ତ୍ରାଳୟର ଶାସନ ସଚିବ ଡ଼ ଆଶିଷ କୁମାର ଭୁଟାନୀ ସମ୍ମାନନୀୟ ଅତିଥି ଭାବରେ ଯୋଗ ଦେଇଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ କୁମାର ଆହୁଜା ବୈଠକକୁ ସମ୍ବୋଧନ କରି କହିଥିଲେ, ସମବାୟ ସମିତି ଏଭଳି ସଶକ୍ତ ହେବା ଜରୁରୀ ଯେଉଁଠି ଚାଷୀମାନଙ୍କର ସମସ୍ତ ଆବଶ୍ୟକତା ପୂରଣ ହୋଇ ପାରିବ । ତୃଣମୂଳସ୍ତରରେ ଦୃଢ ସଂଗଠନ ଗଠନ କରିବାର ଆବଶ୍ୟକତା ରହିଛି ବୋଲି କହିବା ସହ ଗୁଣାତ୍ମକ ଇନପୁଟ୍, ଷ୍ଟୋରେଜ୍ ଷ୍ଟ୍ରକଚର, ପ୍ରକ୍ରିୟାକରଣ ସୁବିଧା, ଋଣ ସୁବିଧା ଏବଂ ବଜାର ସୁବିଧା ଭଳି ସମସ୍ତ ମୌଳିକ ଆବଶ୍ୟକତା ପୂରଣ ପାଇଁ ଜାତୀୟ ଅନୁଷ୍ଠାନମାନେ ଆବଶ୍ୟକୀୟ ସହଯୋଗ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ । ଅମୁଲ୍ ଓ ବହୁରାଜ୍ୟ ସମବାୟ ସମିତିର ଉଦାହରଣ ଦେଇ ସେ ଆହୁରି ମଧ୍ୟ କହିଛନ୍ତି, କମ୍ପ୍ୟୁଟରୀକରଣ, ଜନ ଔଷଧୀ କେନ୍ଦ୍ର ପରି ପଦକ୍ଷେପ ସମେତ ସମବାୟ ସମିତି ଚାଷୀମାନଙ୍କର ସମସ୍ତ ଆବଶ୍ୟକତା ପୂରଣ କରିବାର ଏକମାତ୍ର କେନ୍ଦ୍ର । ଲୋକମାନଙ୍କର ନିଜର ଅନୁଷ୍ଠାନ ଭାବରେ ସମବାୟ ସମିତିର ଅନେକ ସମ୍ଭାବନା ରହିଛି ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ତିନୋଟି କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ପ୍ରତ୍ୟେକ ଗ୍ରାମ ଓ ପଂଚାୟତରେ ପହଂଚାଇବା ପାଇଁ ଜାତୀୟ ସମୀକ୍ଷା ବୈଠକର ଆୟୋଜନ କରାଯାଇଥିଲା । ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକ ହେଲା ୨ ଲକ୍ଷ ନୂତନ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତିକୁ ସଶକ୍ତ କରିବା, ଦୁଗ୍ଧ ଓ ମତ୍ସ୍ୟ ସମବାୟ ସମିତି, ଶ୍ୱେତ ବିପ୍ଳବ ୨.୦ ପାଇଁ ଏସଓପି ପ୍ରସ୍ତୁତି ଏବଂ ସମବାୟ ମଧ୍ୟରେ ସହଯୋଗ । ସରକାରଙ୍କ ପ୍ରଥମ ୧୦୦ ଦିନରେ ସମବାୟ ମନ୍ତ୍ରାଳୟ ଦ୍ୱାରା ନିଆଯାଇଥିବା ଦଶଟି ପଦକ୍ଷେପ ମଧ୍ୟରୁ କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ

ଦୈନିକ ଏକାମ୍ର
ଚାରି ପୃଷ୍ଠା
ଭୁବନେଶ୍ୱର
୦୨ ଅକ୍ଟୋବର
ବୁଧବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

ଶ୍ରୀମନ୍ଦିର ରୋଷ ଘରେ ଲୁହା କଡ଼େଇ ବ୍ୟବହାର ପ୍ରସଙ୍ଗ

୩ ସୁପକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ : ପାଳିଆ ସେବକ ନିଲମ୍ବିତ

ପୁରୀ, ୧।୧୦ ନ୍ୟୁଜ ବ୍ୟୁରୋ

ଶ୍ରୀମନ୍ଦିର ରୋଷ ଘର ମଧ୍ୟରେ ଲୁହା କଡ଼େଇ ବ୍ୟବହାର ପ୍ରସଙ୍ଗରେ ତିନି ଜଣ ସୁପକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସମସ୍ତ ତିନି ଜଣ ସୁପକାରଙ୍କ ଶ୍ରୀମନ୍ଦିର ପରିସର କିମ୍ବା ଶ୍ରୀମନ୍ଦିର ରୋଷ ଘରେ ପ୍ରବେଶ ନିଷିଦ୍ଧ କରାଯାଇଛି । ତିନି ସୁପକାରଙ୍କ ମଧ୍ୟରୁ ଜଣେ ପାଳିଆ ସେବକଙ୍କୁ ମହାପ୍ରଭୁଙ୍କ ସେବାପୂଜାରୁ ମଧ୍ୟ ନିଲମ୍ବିତ କରାଯାଇଛି । ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍ ୧୯୫୫ ର ୨୧ – ଖ (କ) ଧାରା ଅନୁସାରେ ଏହି ନିଲମ୍ବନ ଆଦେଶ ଜାରି କରାଯାଇଛି । ମହାପ୍ରଭୁଙ୍କ ସେବାପୂଜାରେ କୌଣସି ପରମ୍ପରା ବହିର୍ଭୂତ କାର୍ଯ୍ୟ ତଥା ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ କହିଛନ୍ତି । ଗତ ସେପ୍ଟେମ୍ବର ୧୨ ତାରିଖରେ ଶ୍ରୀମନ୍ଦିର ରୋଷଘରେ ଅନ୍ନ ରନ୍ଧନରେ ଲୁହା କଡ଼େଇ ବ୍ୟବହାର ନେଇ ଅଭିଯୋଗ ଆସିବା ପରେ ତଦନ୍ତ ସହ କଡ଼େଇ ଜବତ

ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟ ପ୍ରଶାସକ । ସୁଆର ମହାସୁଆର ନିଯୋଗ, ବିଡୁଆ ପନ୍ତି ବଣ୍ଟୁ ନିଯୋଗ, ରୋଷଘରପାଇକ ନିଯୋଗର ସମ୍ପାଦକ ଏବଂ ରୋଷ ଅମୀନ ତୁରନ୍ତ ରୋଷଘର ପରିଦର୍ଶନ କରି ଏହାକୁ ନିବାରଣ କରିବା ସହ କଡ଼େଇ ଜବତ କରି ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲା । ସେହିପରି ପାଟଯୋଶୀ ମହାପାତ୍ର, ତଳିଛ ମହାପାତ୍ର ଏବଂ ଦେଉଳକରଣ ପ୍ରତିଦିନ ରୋଷଶାଳା ତନଖି କରି ଲୁହା କଡ଼େଇ ଜବତ କରିବାକୁ ମଧ୍ୟ ଜଣାଇ ଦିଆଯାଇଥିଲା ।

ଏହି ସମ୍ପୃକ୍ତ ସେବକଙ୍କ ଦ୍ୱାରା କଡ଼େଇ ଜବତ କାର୍ଯ୍ୟ ସମ୍ପାଦନ କରି କାର୍ଯ୍ୟକାରିତା ରିପୋର୍ଟ ଦାଖଲ କରିବାକୁ ଶ୍ରୀମନ୍ଦିର କମାଣ୍ଡର, ବରିଷ୍ଠ ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟ ପ୍ରଶାସକ । ରିପୋର୍ଟ ଆସିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ମୁଖ୍ୟ ପ୍ରଶାସକ । ପୂର୍ବ ନିର୍ଦ୍ଦେଶ ପରେ ଅନ୍ୟ ସୁପକାରମାନେ କଡ଼େଇ ବାହାର କରି ନେଇଥିବା ଜଣାପଡ଼ିଛି । ତେବେ ଏହି ତିନି ସୁପକାର କୋଠଭୋଗ ରୋଷଘରେ ବାରଣ ସତ୍ତ୍ୱେ ଲୁହା କଡ଼େଇ ବ୍ୟବହାର କରି ଅନ୍ନ ଡାଲି ରୋଷେଇ କରିଥିବା ଜଣା ପଡିବା ପରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ମୁଖ୍ୟ ପ୍ରଶାସକ । ତିନି ସୁପକାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଶ୍ରୀମନ୍ଦିର ତଥା ରୋଷଘରେ ପ୍ରବେଶ ନିଷିଦ୍ଧ କରାଯାଇଛି । ପ୍ରବେଶ ନିଷିଦ୍ଧ କଟକଣା କାର୍ଯ୍ୟକାରୀ କରିବାକୁ ବିହିତ ପଦକ୍ଷେପ ନେବା ପାଇଁ ଶ୍ରୀମନ୍ଦିର କମାଣ୍ଡର ଏବଂ ଦେଉଳ କରଣଙ୍କୁ ଆଦେଶ ଜାରି କରିଛନ୍ତି ମୁଖ୍ୟ ପ୍ରଶାସକ ।

ଡ. ଅଚ୍ୟୁତ ସାମନ୍ତଙ୍କୁ ମହାତ୍ମା ସମ୍ମାନ-୨୦୨୪

ଭୁବନେଶ୍ୱର, ୧/୧୦ ନ୍ୟୁଜ ବ୍ୟୁରୋ

ଶିକ୍ଷାବିତ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନଜନକ ମହାତ୍ମା ପୁରସ୍କାର ପ୍ରଦାନ କରାଯାଇଛି । ମଙ୍ଗଳବାର ନୂଆଦିଲ୍ଲୀଠାରେ ବିର୍ଲା ଗ୍ରୁପ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଡ. ସାମନ୍ତଙ୍କୁ ମହାତ୍ମା ପୁରସ୍କାର ପ୍ରଦାନ କରାଯାଇଛି । ପ୍ରତିବର୍ଷ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପରିପ୍ରେକ୍ଷୀରେ ଆଦିତ୍ୟ ବିର୍ଲା ଗ୍ରୁପ୍ ପକ୍ଷରୁ ପ୍ରଦାନ କରାଯାଇଥାଏ ମହାତ୍ମା ପୁରସ୍କାର । ଏହି ଅବସରରେ ଗାନ୍ଧୀ ଜୟନ୍ତୀ ଅବ୍ୟବହିତ ପୂର୍ବରୁ ଡ.ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଭାରତର ବିଶିଷ୍ଟ ସିଏସଆର୍ ମ୍ୟାନ କୁହାଯାଉଥିବା ଅମିତ ସଚଦେବାଙ୍କ ଉଦ୍ୟମରେ ଏହି ମହାତ୍ମା ସମ୍ମାନ ଆରମ୍ଭ କରାଯାଇଥିଲା । ସମାଜର ବିକାଶମୂଳକ କାର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ । ୨୦୧୬ରୁ ଦିଆଯାଇ ଆସୁଥିବା ଏହି ସମ୍ମାନ ରତନ ଟାଟା, ଅଜିମ ପ୍ରେମଜୀ, ବିନ୍ଦେଶ୍ୱର ପାଠକ, ସବାନା ଆଜମୀଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନକୁ ପ୍ରଦାନ କରାଯାଇଛି । ଏହି ସମ୍ମାନ ପ୍ରଦାନ ପାଇଁ ଏକ ଚୟନ କମିଟି ରହିଛି । ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ପରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ । ଦୀର୍ଘ ୩୩ ବର୍ଷ ଧରି ଡ. ଅଚ୍ୟୁତ ସାମନ୍ତ ଶିକ୍ଷା ଓ ସମାଜସେବାରେ ନିଜକୁ ନିୟୋଜିତ କରିଆସିଛନ୍ତି । ଜନଜାତି ଓ ସମାଜର ଅବହେଳିତ ବର୍ଗଙ୍କ ବିକାଶ ତଥା ସମାଜରେ ଅସମାନତା ଦୂର ନେଇ ମହାତ୍ମା ଗାନ୍ଧୀଙ୍କ ଯେଉଁ କାର୍ଯ୍ୟଧାରା ଥିଲା କିସ୍ ଜରିଆରେ ଡ. ସାମନ୍ତ ସେହି କାର୍ଯ୍ୟକୁ ଗତ ତିନି ଦଶନ୍ଧୀ ଧରି ତ୍ୱରାନ୍ୱିତ କରିଆସୁଛନ୍ତି । ତାଙ୍କର ଏହି ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ ପାଇଁ ତାଙ୍କୁ ମଙ୍ଗଳବାର ମହାତ୍ମା ସମ୍ମାନ ପ୍ରଦାନ କରାଯାଇଛି । ମଙ୍ଗଳବାର ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ଓ ଲେଖକ ସୁଧା ମୂର୍ତ୍ତି, ଓଡ଼ିଶୀ ଓ ଭାରତନାଟ୍ୟମ ନୃତ୍ୟଶିଳ୍ପୀ ଓ ଗୁରୁ ସୋନାଲ ମାନସିଂହଙ୍କ ଭଳି ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନଙ୍କୁ ଏହି ସମ୍ମାନ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ରାଜଶ୍ରୀ ବିର୍ଲା ଓ ପୁଡୁଚେରୀର ପ୍ରାକ୍ତନ ଲ୍ୟୁଟନାଣ୍ଟ ଗଭର୍ଣ୍ଣର କିରଣ ବେଦୀ ପ୍ରମୁଖ ଉପସ୍ଥିତ ଥିଲେ । ନିଜ ପ୍ରତିକ୍ରିୟାରେ ଡ.ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସିଏସଆର୍ ଗୁଡ୍ ବୁକ୍ ସମ୍ପାଦକ ତଥା ମହାତ୍ମା ଆୱାର୍ଡ ନିର୍ଦ୍ଦେଶକ ମୁଗଧା ଆରୋରା ଏବଂ ଆୟୋଜକ କମିଟିକୁ କୃତଜ୍ଞତା ଜଣାଇଛନ୍ତି । ଏହି ସମ୍ମାନକୁ ଡ. ସାମନ୍ତ କିଟ୍ ଓ କିସ୍ ପରିବାରକୁ ଉତ୍ସର୍ଗ କରିଛନ୍ତି ।

ଆଜିଠୁ ବିଜେଡିର 'ଜନ ସମ୍ପର୍କ ପଦଯାତ୍ରା' : ଏକାମ୍ରରେ ନବୀନ କରିବେ ଶୁଭାରମ୍ଭ

ଭୁବନେଶ୍ୱର, ୧/୧୦ ନ୍ୟୁଜ ବ୍ୟୁରୋ

ପ୍ରତିବର୍ଷ ଭଳି ବୁଧବାର ଅର୍ଥାତ ଗାନ୍ଧୀ ଜୟନ୍ତୀରୁ ବିଜେଡ଼ି ଆରମ୍ଭ କରିବ ଜନ ସମ୍ପର୍କ ପଦଯାତ୍ରା । ଗତବର୍ଷ ପରି ଚଳିତଥର ବି ଏକାମ୍ର ଭୁବନେଶ୍ୱରରୁ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଜନ ସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରିବେ । ପ୍ରଥମ ଥର ପାଇଁ ଦୁଇଟି ପର୍ଯ୍ୟାୟରେ ଏହି ପଦଯାତ୍ରା ହେବାକୁ ଯାଉଛି । ଏଥିରେ ନବୀନ ସରକାର ସମୟର ସଫଳତା ଓ ବର୍ତ୍ତମାନ ସରକାରଙ୍କ ମିଥ୍ୟା ପ୍ରଚାରର ବାର୍ତ୍ତା ଘରେ ଘରେ ପହଞ୍ଚାଇବେ ନବୀନ ପଟ୍ଟନାୟକ । ଏଥିପାଇଁ ମଙ୍ଗଳବାର ପଦଯାତ୍ରାସ୍ଥଳୀରେ ପ୍ରସ୍ତୁତି ଓ ଆୟୋଜନର ସମୀକ୍ଷା କରିଛନ୍ତି ବିଜେଡିର ବରିଷ୍ଠ ନେତା ଓ କର୍ମୀ । ଏକାମ୍ର ନଗରୀରୁ ପଦଯାତ୍ରାର ଶୁଭାରମ୍ଭ କରିବେ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ । ୫୭ ନମ୍ବର ୱାର୍ଡ ବିଜୁ ଆଦର୍ଶ କଲୋନୀରେ ନିଜେ ଚାଲି ଚାଲି ଲୋକଙ୍କ ସହ ଆଲୋଚନା କରିବେ । ଏହାପରେ ନେତାଜୀ ପଡ଼ିଆରେ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେବେ । ଦୀର୍ଘ ୨୪ ବର୍ଷ ସୁଶାନର ଅନ୍ତ ଘଟିଛି । ଓଡ଼ିଶା ପାଇଛି ଏକ ଅସ୍ଥିର ସରକାର । ଅପରାଧ ଘଟୁଛି, ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତି ବିପଦ ସୃଷ୍ଟି ହୋଇଛି । ଓଡ଼ିଶାରୁ ଶିଳ୍ପ ସଂସ୍ଥା ବାହାରି ଯିବାକୁ ବସିଛନ୍ତି । ଅଭିଯୋଗର ଏପରି ଲମ୍ବା ତାଲିକା ନେଇ ଲୋକଙ୍କ ପାଖକୁ ଯିବ ବିଜୁ ଜନତା ଦଳ । ବିରୋଧୀ ଦଳ ଭାବେ ବିଜେଡି ଡବଲ ଇଞ୍ଜିନ୍ ସରକାରର ଦୋଷ ଦୁର୍ବଳତା ଲୋକଲୋଚନକୁ ଆଣିବ । ଶାସନ ବ୍ୟବସ୍ଥାରେ ତ୍ରୁଟି ସଂଶୋଧନ ପାଇଁ ସରକାରଙ୍କ ଉପରେ ଚାପ ପକାଇବ । ଆଗକୁ ପଞ୍ଚାୟତ ନିର୍ବାଚନ ଥିବା ବେଳେ ବିରୋଧୀ ଆସନରେ ଥିବା ବିଜେଡି ପାଇଁ ଏହି ପଦଯାତ୍ରା ବହୁ ଗୁରୁତ୍ୱବହନ କରୁଛି । ବିଜେପି ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଥିବା ବେଳେ ଜନ ସମ୍ପର୍କ ପଦଯାତ୍ରା ଏକ ଜନ ଜାଗରଣ ଯାତ୍ରା ସଦୃଶ ହେବ । ସରକାରଙ୍କ ଅପାରଗତା ବିରୋଧରେ ଦଳ ଜନମତ ସୃଷ୍ଟି କରିବ । କ୍ଷମତାକୁ ଆସିବାର ତିନି ମାସରୁ ଅଧିକ ସମୟ ବିତିଥିଲେ ସୁଦ୍ଧା ଅଦ୍ୟାବଧି ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାରେ ଦଳ ଗୁରୁତର ଭାବେ ବିଫଳ ହୋଇଛି । ବହୁ ଉନ୍ନୟନ ମୂଳକ କାର୍ଯ୍ୟକ୍ରମକୁ ନୂଆ ସରକାର ବନ୍ଦ କରିଦେଲେ । ଗରିବ ହିତାଧିକାରୀ ନିଜ ଅଧିକାରରୁ ବଞ୍ଚିତ ହେଉଛନ୍ତି । ସୁଭଦ୍ରା ଯୋଜନାର ପ୍ରତାରଣ ସବୁ ସୀମା ଟପି ଯାଇଛି । ଏହାକୁ ନେଇ ଲୋକଙ୍କ ମଧ୍ୟରେ ରୋଷ ରହିଛି । ଅକ୍ଟୋବର ୨ 'ଗାନ୍ଧୀ ଜୟନ୍ତୀ' ଠାରୁ ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ପଦଯାତ୍ରା ଚାଲିବ । ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା ଅକ୍ଟୋବର ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଏକ ପକ୍ଷ ଧରି ଚାଲିବ । ଏଥିପାଇଁ ବିଭିନ୍ନ ନିର୍ବାଚନମଣ୍ଡଳୀର ବ୍ଲକ୍ ତଥା ପୌରାଞ୍ଚଳରେ ଜନ ସମ୍ପର୍କ ପଦଯାତ୍ରା/ଅଭିଯାନ ଆୟୋଜନ କରିବା ପାଇଁ ସ୍ଥିର ହୋଇଛି ।

ଭିଜିଲାନ୍ସ ଜାଲରେ ଖାଦ୍ୟ ସୁରକ୍ଷା ଅଧିକାରୀ

କେନ୍ଦ୍ରାପଡା ୧।୧୦ ନ୍ୟୁଜ ବ୍ୟୁରୋ

ରାସ୍ତା କଡରେ ଲାଞ୍ଚ ଟଙ୍କା ନେଉଥିଲେ ଅଧିକାରୀ । କିନ୍ତୁ ଲୋକ ଭିତରେ ଛକିଥିଲା ଭିଜିଲାନ୍ସ । ଠିକ୍ ଟଙ୍କା ଦେଣନେଣ ବେଳେ ଲାଞ୍ଚୁଆ ଅଧିକାରୀଙ୍କୁ ଲାଞ୍ଚ ଟଙ୍କା ସହ ମାଡିବସିଲା ଭିଜିଲାନ୍ସ । କେନ୍ଦ୍ରାପଡା କଲେଜ ଛକରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ । ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭାସ ମଜୁମଦାର । ନିଜ ପାଉଁରୁଟି ଫ୍ୟାକ୍ଟ୍ରି ଲାଇସେନ୍ସ ନବୀକରଣ ପାଇଁ ସଞ୍ଜୟ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କୁ ଖାଦ୍ୟ ସୁରକ୍ଷା ଅଧିକାରୀ ବିଭାସ ମଜୁମଦାର ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ତେବେ ଟଙ୍କା ନେବା ପାଇଁ ଅଧିକାରୀ ରାସ୍ତା କଡରେ ଛିଡା ହୋଇ ସଞ୍ଜୟଙ୍କୁ ଅପେକ୍ଷା କରିଥିଲେ । ଲାଞ୍ଚ ଟଙ୍କା ନେବାବେଳେ ଭିଜିଲାନ୍ସ ବିଭାସଙ୍କୁ କାବୁ କରି ନେଇଥିଲେ ।

ଏକ ଦେଶ-ଏକ ନିର୍ବାଚନ ପ୍ରସଙ୍ଗ

ନଭେମ୍ବର-ଡିସେମ୍ବରରେ ଆସିପାରେ ୩ ବିଲ୍

ନୂଆଦିଲ୍ଲୀ,୦୧/୧୦

ଏକ ଦେଶ-ଏକ ନିର୍ବାଚନକୁ ବାସ୍ତବ ରୂପ ଦେବା ସକାଶେ କେନ୍ଦ୍ର ସରକାର ଚଳିତବର୍ଷ ନଭେମ୍ବର-ଡିସେମ୍ବରରେ ୩ଟି ବିଲ୍ ଆଣିବା ସମ୍ଭାବନା ରହିଛି । ଏଥିରେ ଦୁଇଟି ସମ୍ବିଧାନ ସଂଶୋଧନ ବିଧେୟକ ଅନ୍ତର୍ଭୁକ୍ତ । ପ୍ରସ୍ତାବିତ ସମ୍ବିଧାନ ସଂଶୋଧନ ବିଧେୟକ ମଧ୍ୟରୁ ଗୋଟିଏ ପୌରପାଳିକା ଓ ପଞ୍ଚାୟତ ନିର୍ବାଚନକୁ ଲୋକସଭା ଓ ବିଧାନସଭା ନିର୍ବାଚନ ସହ ଏକାଠି କରାଇବା ସଂକ୍ରାନ୍ତ ବିଲ୍ ରହିଛି । ଏଥିଲାଗି ଅତିକମ୍‌ରେ ୫୦% ରାଜ୍ୟର ସମର୍ଥନ ଆବଶ୍ୟକ ପଡ଼ିପାରେ । ଉଲ୍ଲେଖଯୋଗ୍ୟ, ଦେଶରେ ଏକସଙ୍ଗେ ଲୋକସଭା ଓ ବିଧାନସଭା ନିର୍ବାଚନ କରାଇବା ପ୍ରସ୍ତାବକୁ ସେପ୍ଟେମ୍ବର ୧୮ରେ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି ଦେଇଥିଲା । ଆସନ୍ତା ନଭେମ୍ବର-ଡିସେମ୍ବରରେ ହେବାକୁ ଥିବା ସଂସଦର ଶୀତ ଅଧିବେଶନରେ ଏ ନେଇ ବିଲ୍ ଆଗତ କରାଯିବା ସମ୍ଭାବନା ରହିଛି ।

ସେପ୍ଟେମ୍ବରରେ ୬.୫% ବଢ଼ିଲା ଜିଏସଟି ସଂଗ୍ରହ

ନୂଆଦିଲ୍ଲୀ, ୧/୧୦

ଭାରତର ଜିଏସଟି ସଂଗ୍ରହ ସେପ୍ଟେମ୍ବର ମାସରେ ବାର୍ଷିକ ଆଧାରରେ ୬.୫ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି । ଅକ୍ଟୋବର ୧ରେ ଅର୍ଥ ମନ୍ତ୍ରଣାଳୟ ତରଫରୁ ସୂଚନା ଜାରି ହୋଇଛି । ଯେଉଁଥିରେ କୁହାଯାଇଛି ଯେ, ସେପ୍ଟେମ୍ବର ମାସରେ ୧.୭୩ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ ହୋଇଛି । ଗତ ବର୍ଷ ସମାନ ସମାନ ଅବଧିରେ ଅର୍ଥାତ ସେପ୍ଟେମ୍ବର ୨୦୨୩ରେ ଭାରତର ଜିଏସଟି ସଂଗ୍ରହ ୧.୬୩ ଲକ୍ଷ କୋଟି ଟଙ୍କା ଥିଲା । ତେବେ ବାର୍ଷିକ ଆଧାରରେ ଜିଏସଟି ସଂଗ୍ରହରେ ବୃଦ୍ଧି ଦେଖିବାକୁ ମିଳିଥିଲେବି, ମାସିକ ଆଧାରରେ ଏଥିରେ ସାମନ୍ୟ ହ୍ରାସ ଦେଖିବାକୁ ମିଳିଛି । କାରଣ ମାସିକ ଆଧାରରେ ୧.୫% ହ୍ରାସ ହୋଇଛି । ଅଗଷ୍ଟରେ ଭାରତର ଜିଏସ୍‌ଟି ସଂଗ୍ରହ ୧.୭୫ ଲକ୍ଷ କୋଟି ଟଙ୍କା ଥିଲା । ରିଫଣ୍ଡ ଘଟାଇବା ପରେ ନେଟ୍ ଜିଏସଟି କଲେକ୍ସନ ଗତ ବର୍ଷର ସମାନ ଅବଧି ତୁଳନାରେ ୩.୯ % ବଢ଼ି ସେପ୍ଟେମ୍ବର ୨୦୨୪ରେ ୧.୫୩ ଲକ୍ଷ କୋଟି ଟଙ୍କା ହୋଇଛି । ସେପ୍ଟେମ୍ବର ମାସରେ ଘରୋଇ ରାଜସ୍ୱ ୫.୯ % ବଢ଼ି ପ୍ରାୟ ୧,୨୭,୮୫୦ କୋଟି ଟଙ୍କା ହୋଇଛି । ଗତ ବର୍ଷର ସମାନ ଅବଧିରେ ଭାରତର ଘରୋଇ ରାଜସ୍ୱ ୧, ୨୦,୬୮୬ କୋଟି ଟଙ୍କା ଥିଲା । ୨୦୨୪ ଅଗଷ୍ଟ ଘରୋଇ ରାଜସ୍ୱ ୯.୨ % ବଢ଼ି ପ୍ରାୟ ୧.୨୫ ଲକ୍ଷ କୋଟି ଟଙ୍କା ହୋଇଛି । ସେହିଭଳି, ମାଲ୍ ଆମଦାନୀରେ ରାଜସ୍ୱ ୮% ବଢ଼ି ୪୫,୩୯୦ କୋଟି ଟଙ୍କା ହୋଇଛି । ଯାହା ସେପ୍ଟେମ୍ବର ୨୦୨୩ରେ ୪୨,୦୨୬ କୋଟି ଟଙ୍କା ରହିଥିଲା ।

ନରେନ୍ଦ୍ର ପୁଷ୍କରିଣୀରେ ୨ ଭାଇଙ୍କ ସଲିଳ ସମାଧୀ

ପୁରୀ,୧।୧୦ ନ୍ୟୁଜ ବ୍ୟୁରୋ

ପୁଣି ନରେନ୍ଦ୍ର ପୁଷ୍କରିଣୀ ଦଶତୁଠରେ ଘଟିଛି ଅଘଟଣ । ଦଶାହ କର୍ମ ଚାଲିଥିବାବେଳେ ୨ ଭାଇ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି । ଉଭୟ ହେଲେ ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡିର ରାଜ କିରଣ ଶତପଥି (୨୩) ଓ ତାଙ୍କ ପିଉସୀ ପୁଅ ଭାଇ ନଳିନୀକାନ୍ତ ଶତପଥୀ (୨୭) । ରାଜ କିରଣଙ୍କ ବୁଢ଼ୀ ମା' ତଥା ନଳୀନିକାନ୍ତଙ୍କ ଆଇଙ୍କ ଦେହାନ୍ତ ହୋଇଥିଲା । ନରେନ୍ଦ୍ରରେ ଦଶାହ କର୍ମ କରିବା ପାଇଁ ୪ ଦିନ ତଳୁ ରାଜ କିରଣ ଓ ନଳିନୀକାନ୍ତ ଏବଂ ଉଭୟଙ୍କ ପରିବାର ଲୋକେ ପୁରୀ ଆସିଥିଲେ । ଚୁଡ଼ାପଟି ଗଳି ସ୍ଥିତ ଶ୍ରୀକୃଷ୍ଣ ଚୈତନ୍ୟ ଆଶ୍ରମରେ ସେମାନେ ରହିଥିଲେ । ମଙ୍ଗଳବାର ପୂର୍ବାହ୍ନରେ ସେମାନେ ନରେନ୍ଦ୍ର ପୁଷ୍କରିଣୀ ଯାଇଥିଲେ । ଦଶତୁଠରେ କର୍ମ ଚାଲିଥିବାବେଳେ ଦୁଇ ଭାଇ ପାଣିରେ ସ୍ନାନ କରୁଥିଲେ । ପରିବାର ଲୋକଙ୍କ ନଜର ଆଡୁଆଳରେ ୨ ଭାଇ ପାଣିରେ ବୁଡ଼ି ଯାଇଥିଲେ । ସେମାନଙ୍କୁ ନପାଇ ପରିବାର ଲୋକେ କୁମ୍ଭାରପଡ଼ା ଥାନାରେ ଜଣାଇଥିଲେ । ସନ୍ଦେହରେ ଅଗ୍ନିଶମ ବାହିନୀ ନରେନ୍ଦ୍ର ପୁଷ୍କରିଣୀରେ ଖୋଜାଖୋଜି କରିଥିଲା । ପାଣିରେ ବୁଡ଼ିଥିବା ଅବସ୍ଥାରେ ଦୁହିଁଙ୍କୁ ପାଇଥିଲେ ଆଗ୍ନିକ । ନିସ୍ତେଜ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । କୁମ୍ଭାରପଡ଼ା ଥାନା ପୁଲିସ ଶବ ଜବତ କରିଛି । ବ୍ୟବଚ୍ଛେଦ ପାଇଁ ମୃତ ଦେହକୁ ଶବ ସଂରକ୍ଷଣ ଗୃହରେ ଭର୍ତ୍ତି କରାଯାଇଛି । ସୂଚନାଯୋଗ୍ୟ ଯେ, ଭଉଁରୀ ଯାତ୍ରା ଦିନ ଦଶତୁଠରେ ବାଣ ବିସ୍ଫୋରଣ ଘଟି ୩୦ରୁ ଅଧିକ ଶ୍ରଦ୍ଧାଳୁ ପୋଡ଼ି ଯାଇଥିଲେ । ସେମାନଙ୍କ ମଧ୍ୟରୁ ୧୭ ଜଣଙ୍କ ମୃତ୍ୟୁ ଘଟିଥିଲା । ଏହି ଅଘଟଣ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା ।

DADLS-36



ଓଡ଼ିଶା ସରକାର

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨ ଅକ୍ଟୋବର, ୨୦୨୪

ସକାଳ ଘ.୮.୪୦ମି.– ପ୍ରାର୍ଥନା ସଭା ଓଡ଼ିଶା ବିଧାନସଭା ପ୍ରାଙ୍ଗଣ

ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ତା.୨.୧୦.୨୦୨୪ରିଖ ସକାଳ ଘ.୮.୪୦ମି. ସମୟରେ
ବିଧାନସଭା ପ୍ରାଙ୍ଗଣସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ ।

ଏହି ପ୍ରାର୍ଥନା ସଭାରେ

ଶ୍ରୀଯୁକ୍ତ ରଘୁବର ଦାସ, ମାନ୍ୟବର ରାଜ୍ୟପାଳ
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀମତୀ ସୁରମା ପାଢ଼ୀ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ଭବାନୀ ଶଙ୍କର ଭୋଇ, ମାନ୍ୟବର ଉପବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ମୁକେଶ ମହାଲିଙ୍ଗ, ମାନ୍ୟବର ମନ୍ତ୍ରୀ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ,
ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି
ଏବଂ ରାଜ